RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -174 ସଂଖ୍ୟା-୧୭୪
ଭୁବନେଶ୍ୱର, ସୋମବାର, ୨୨ ସେପ୍ଟେମ୍ବର ୨୦୨୫
Bhubaneswar, Monday, 22 September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ପ୍ରଦୀପ ଜେନା ହେଲେ ଭୁବନେଶ୍ୱର କ୍ଲବର ସଭାପତି

**ଭୁବନେଶ୍ୱର,୨୧।୯(ନି.ପ୍ର):** ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବ୍ ନିର୍ବାଚନରେ ବାଜିମାତ କରିଛନ୍ତି। ସେ ଅସିତ ତ୍ରିପାଠୀଙ୍କୁ ୧୮ଖଣ୍ଡ ଭୋଟରେ ହରାଇ ଭୁବନେଶ୍ୱର କ୍ଲବ୍‌ର ନୂତନ ସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରଗତି ମହାନ୍ତି ଉପସଭାପତି, ପୂର୍ବତନ ଆଇପିଏସ୍ ଅଧିକାରୀ ଲଳିତ ଦାଶ ସମ୍ପାଦକ, ସମ୍ବିତ ମହାନ୍ତି ଯୁଗ୍ମ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି।

ବିଜୟ ପରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି, ଜେନା କ୍ଲବର ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିଥିଲେ। ଆମେ ଆମର 'ପରିବର୍ତ୍ତନ ପାଇଁ ଭୋଟ' ଅଭିଯାନରେ ପ୍ରତିଶ୍ରୁତି ଦେଇଥିଲୁ, ପ୍ରଶାସନିକ ଏବଂ ଆର୍ଥିକ ବ୍ୟାପାରରେ ସ୍ୱଚ୍ଛତା, ଦାୟିତ୍ୱ ଏବଂ ନୀତିଶାସ୍ତ୍ର ଆମର ମାର୍ଗଦର୍ଶୀ ନୀତି ହେବ। ଆମର ପ୍ରଥମ ସଂକଳ୍ପ ହେବ ସଭାପତି ଏବଂ ସମ୍ପାଦକଙ୍କ କାର୍ଯ୍ୟକାଳ ସର୍ବାଧିକ ଦୁଇଟି କାର୍ଯ୍ୟକାଳ ପର୍ଯ୍ୟନ୍ତ ସୀମିତ ରହିବ। ଆମେ ସମସ୍ତ ଦୃଷ୍ଟିକୋଣରୁ ପରିବର୍ତ୍ତନକାରୀ ପଦକ୍ଷେପ ଆରମ୍ଭ କରିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି। ଶନିବାର ଦିନ ଇ-ଭୋଟିଂ ଏବଂ ରବିବାର ଦିନ ବାଲଟ୍ ମତଦାନ ହୋଇଥିଲା। କ୍ଲବର ମୋଟ ୧୭୭୪ ସଦସ୍ୟ ନିର୍ବାଚନରେ ଭୋଟ ଦେଇଥିଲେ। ଶ୍ରୀ ଜେନାଙ୍କୁ ୮୯୧ ଭୋଟ ଓ ଶ୍ରୀ ତ୍ରିପାଠୀ ୮୭୩ ଭୋଟ ପାଇଥିଲେ। ପୂର୍ବତନ ଆଇପିଏସ୍ ଅଧିକାରୀ ଲଳିତ ଦାଶ ଭୁବନେଶ୍ୱର କ୍ଲବର ନୂତନ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ସେ ୯୧୮ ଭୋଟ ପାଇଥିବାବେଳେ ଟୁଟୁଲ୍ ୮୪୦ ଭୋଟ ପାଇଛନ୍ତି। ସେପ୍ଟେମ୍ବର ୨୦ରୁ ଦୁଇ ଦିନ ଧରି ଅନଲାଇନ୍ ଏବଂ ଅଫଲାଇନ୍ ମୋଡ୍ ରେ ଭୋଟିଂ କରାଯାଇଥିଲା।

# ପାକିସ୍ତାନକୁ ଦ୍ୱିତୀୟ ଥର ଦାବିଲା ଭାରତ

**ଦୁବାଇ,୨୧।୯(ନି.ପ୍ର):** ପାକିସ୍ତାନକୁ ପୁଣି ଧୋଇଲା ଭାରତ। ଏସିଆ କପ୍ ୨୦୨୫ର ସୁପର ଫୋର ମୁକାବିଲାରେ ପାକିସ୍ତାନର ଶୋଚନୀୟ ପରାଜୟ ଭାରତୀୟ ଟିମ୍ ପାକିସ୍ତାନକୁ ପରାସ୍ତ କରିଛି। ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ସୂର୍ଯ୍ୟ ସେନା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଛି। ଦମଦାର ବିଜୟ ସହ ଫାଇନାଲ୍ ଆଡ଼କୁ ପାଦେ ଆଗେଇଛି। ଭାରତ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଶାହିନଜାଦ ଫରହାନଙ୍କ ୫୮ ରନ ବଳରେ ୫ ୱିକେଟ୍ ହରାଇ ୧୭୧ ରନ କରିଥିଲା। ଜବାବରେ ଭାରତ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ୭୪ ରନ ଓ ଗିଲଙ୍କ ୪୭ ରନ ବଳରେ ମ୍ୟାଚ୍କୁ ୧୮.୫ ଓଭରରେ ୪ ୱିକେଟ୍ ହରାଇ ଜିତି ନେଇଛି।

ତିଳକ ବର୍ମା ଚେକା ମାରି ମ୍ୟାଚ୍ ଶେଷ କରିଛନ୍ତି। ଏହା ସହ ସେ ୩୦ ରନର ମହତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଚଳିତ ଏସିଆ କପରେ ଭାରତଠୁ ପାକିସ୍ତାନର ଏହା ଦ୍ୱିତୀୟ ପରାଜୟ ୧୭୨ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତର ଦୁଇ ଓପନର ଅଭିଷେକ ଶର୍ମା ଓ ଶୁଭମନ ଗିଲ୍ ଆରମ୍ଭରୁ ଦମଦାର ବ୍ୟାଟିଂ କରିଥିଲେ। ପାକ୍ ବୋଲରଙ୍କୁ କୌଣସି ସୁଯୋଗ ନଦେଇ ରନ୍ ବର୍ଷା କରିଥିଲେ ଅଭିଷେକ ଓ ଶୁଭମନ ଓପନିଂରେ ଶତକୀୟ ଭାଗିଦାରୀ ଯୋଡ଼ି ଭାରତର ବିଜୟ ସହଜ କରିଥିଲେ।

ପରେ ଭାରତ ଶୀଘ୍ର ଦୁଇଟି ୱିକେଟ୍ ହରାଇବାରୁ ଭାରତର ରନ ଗତି ଧିମେଇ ଯାଇଥିଲା ଗିଲ୍ ୨୮ ବଲରୁ



୮ ଚୌକା ସହ ୪୭ ରନ କରିଥିଲେ। ବଡ଼ ସଟ୍ ଖେଳିବାକୁ ଉଦ୍ୟମ କରି ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୦)ରେ ଆଉଟ୍ ହୋଇଥିଲେ। ଅନ୍ୟପଟେ ଅଭିଷେକ ଶର୍ମା ବ୍ୟାଟିଂ ଜାରି ରଖିଥିଲେ। ଅଭିଷେକ ଶର୍ମା ୩୯ ବଲ୍ରୁ ୬ ଚୌକା ଓ ୫ ଛକା ସହ ୭୪ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳି ଆଉଟ୍ ହୋଇଥିଲେ। ଏହା ପରେ ଭାରତର ରନ ଗତି ଧିମେଇ ଯାଇଥିଲା। ସଞ୍ଜୁ ସାମସନ ୧୭ ବଲରୁ ମାତ୍ର ୧୩ ରନ କରିଥିଲେ। ଶେଷ ଆଡ଼କୁ ମ୍ୟାଚ୍ ରୋମାଞ୍ଚକର ହୋଇଥିଲା। ତିଳକ ବର୍ମା ଲଗାତାର ଛକା ଓ ଚୌକା ମାରି ଭାରତକୁ ୧୮.୫ ଓଭରରେ ଜିତାଇଥିଲେ। ସେପଟେ ହାର୍ଦ୍ଦିକ ପାଣ୍ଡ୍ୟା ୭ ବଲ୍‌ରେ ୭ ରନ୍ କରି ଅପରାଜିତ ଥିଲେ।

ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଭାରତ। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୭୧ ରନ୍ କରିଥିଲା। ପାକିସ୍ତାନୀ ଦଳ ପକ୍ଷରୁ ସର୍ବୋତ୍ତମ ବ୍ୟାଟର ଭାବେ ସାହିବଜାଦା ଫରହାନ୍ ୫୮ ରନ୍‌ର ଏକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ଇନିଂସରେ ଭାରତୀୟ ଖେଳାଳିଙ୍କ ଫିଲ୍ଡିଂ ନୈରାଶ୍ୟଜନକ ଥିଲା, ଲଗାତାର ସହଜ କ୍ୟାଚ୍ ଛାଡ଼ିଥିଲେ ଭାରତୀୟ ଫିଲ୍ଡର ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଥିଲା ଯେ ଜସପ୍ରିତ ବୁମରାହ ଭାରତ ପାଇଁ ସବୁଠାରୁ ମହଙ୍ଗା ବୋଲର ଥିଲେ। ସାଧାରଣତଃ ପାକିସ୍ତାନ ପାଇଁ ସାମ ଆୟୁବ ଏବଂ ସାହିବଜାଦା ଫରହାନ ଇନିଂସ ଓପନିଂ କରନ୍ତି, କିନ୍ତୁ ଏହି ମ୍ୟାଚରେ ଫଖର ଜମାନ ଆୟୁବଙ୍କ ସ୍ଥାନ ନେଇଥିଲେ। ଏପର୍ଯ୍ୟନ୍ତ ଏସିଆ କପର ତିନୋଟି ମ୍ୟାଚରେ ଶୂନ୍ୟରେ ଆଉଟ ହୋଇଥିବା ଆୟୁବ ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ଏବଂ ୨୧ ରନ୍‌ର ଯୋଗଦାନ ଦେଇଥିଲେ ପାକିସ୍ତାନୀ ଦଳର ଇନିଂସର ହିରୋ ଥିଲେ। ସାହିବଜାଦା ଫରହାନ ସେ ୩୪ ବଲ୍ ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୪୫ ବଲ୍ ରେ ୫ ଚୌକା ଏବଂ ୩ ଛକା ମାରି ୫୮ ରନ୍ କରିଥିଲେ। ଭାରତ ପକ୍ଷରୁ ପୂର୍ବ ମ୍ୟାଚ୍‌ରେ ୪ଟି ୱିକେଟ ନେଇଥିବା କୁଲଦୀପ ଯାଦବ ଆଜିର ମ୍ୟାଚ୍‌ରେ ଗୋଟିଏ ୱିକେଟ ନେଇଥିଲେ। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଗୋଟିଏ ସଫଳତା ପାଇଥିଲେ। ଦଳପକ୍ଷରୁ ଶିବମ ଦୁବେ ଦୁଇଟି ୱିକେଟ ନେଇଛନ୍ତି ଏବେ ପାକିସ୍ତାନ ପକ୍ଷରୁ ଦିଆଯାଇଥିବା ୧୭୨ ରନ୍‌ର ଟାର୍ଗେଟ ପୂରଣ କରିବାକୁ ମଇଦାନକୁ ଓହ୍ଲାଇବେ ଭାରତୀୟ ଖେଳାଳି।

## ଦେଶରେ ଜିଏସ୍‌ଟି ବଚ୍‌ତ ଉତ୍ସବ ଆରମ୍ଭ ହେବ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୧।୯(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ସେ ଶକ୍ତି ଉପାସନାର ପର୍ବ ନବରାତ୍ରୀ ପ୍ରାରମ୍ଭରେ ସବୁ ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନବରାତ୍ରୀର ପ୍ରଥମ ଦିନରୁ ଦେଶ ଆତ୍ମନିର୍ଭର ଭାରତ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି। ୨୨ ସେପ୍ଟେମ୍ବର ସୂର୍ଯ୍ୟୋଦୟ ଠାରୁ ଦେଶ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର କାର୍ଯ୍ୟକାରୀ କରିବ। ଏହାସହିତ ସମଗ୍ର ଭାରତରେ 'ଜିଏସଟି ବଚତ' ଉତ୍ସବ (ସଂଚୟ ମହୋତ୍ସବ)ର ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ଜୋର ଦେଇ କହିଥିଲେ ଯେ ଏହି ପର୍ବ ସଂଚୟକୁ ବୃଦ୍ଧି କରିବ ଏବଂ ଲୋକଙ୍କ ପାଇଁ ସେମାନଙ୍କର ପସନ୍ଦର ଜିନିଷ କିଣିବାକୁ ସହଜ କରିବ। ଏହି ସଂଚୟ ମହୋତ୍ସବର ଲାଭ ଗରିବ, ମଧ୍ୟବିତ୍ତ, ନବମଧ୍ୟବିତ୍ତ ବର୍ଗ, ଯୁବକ, କୃଷକ, ମହିଳା, ଦୋକାନୀ, ବ୍ୟବସାୟୀ ଏବଂ ଉଦ୍ୟୋଗୀମାନଙ୍କ ନିକଟରେ ପହଂଚିବ। ସେ ଆହୁରି କହିଛନ୍ତି, ଏହି ପାର୍ବଣ ଋତୁରେ ପ୍ରତ୍ୟେକ ପରିବାରର ସୁଖ ଏବଂ ମଧୁରତା ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ ଦେଶର କୋଟି କୋଟି ପରିବାରକୁ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ଜିଏସଟି ସଂଚୟ ମହୋତ୍ସବ ପାଇଁ ଶୁଭକାମନା ଜଣାଇଥିଲେ। ସେ କହିଥିଲେ, ଏହି ସଂସ୍କାରଗୁଡ଼ିକ ଭାରତର ଅଭିବୃଦ୍ଧି କାହାଣୀକୁ ତ୍ୱରାନ୍ୱିତ କରିବ, ବ୍ୟବସାୟିକ କାର୍ଯ୍ୟକୁ ସରଳ କରିବ, ନିବେଶକୁ ଅଧିକ ଆକର୍ଷଣୀୟ କରିବ ଏବଂ ବିକାଶ ଦୌଡ଼ରେ ପ୍ରତ୍ୟେକ ରାଜ୍ୟ ସମାନ ଅଂଶୀଦାର ହେବ।

ଭାରତ ୨୦୧୭ରେ ଜିଏସଟି ସଂସ୍କାର ଦିଗରେ ପ୍ରଥମ ପଦକ୍ଷେପ ନେଇଥିବା କଥା ମନେ ପକାଇ ପ୍ରଧାନମନ୍ତ୍ରୀ କହିଥିଲେ, ଜିଏସଟି ଆଇନ ଲାଗୁ ହେବା ସହିତ ଏକ ପୁରୁଣା ଅଧ୍ୟାୟର ଶେଷ ହୋଇଥିଲା। ଦେଶର ଆର୍ଥିକ ଇତିହାସରେ ଏକ ନୂତନ ଅଧ୍ୟାୟର ଆରମ୍ଭ



ହୋଇଥିଲା। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ବହୁ ଦଶନ୍ଧି ଧରି ନାଗରିକ ଏବଂ ବ୍ୟବସାୟୀମାନେ ଏକ ଜଟିଳ କର ଜାଲରେ ଫସି ରହିଥିଲେ। ପ୍ରବେଶ ଶୁଳ୍କ, ବିକ୍ରୟ କର, ଉତ୍ପାଦ କର, ଭାଟ୍ ଏବଂ ସେବା କର ଭଳି ସାରା ଦେଶରେ ଅନେକ ଡଜନ ଶୁଳ୍କ ବ୍ୟବସ୍ଥା ଥିଲା। ଗୋଟିଏ ସହରରୁ ଅନ୍ୟ ସହରକୁ ସାମଗ୍ରୀ ପରିବହନ ପାଇଁ ଅନେକ ଚେକପୋଷ୍ଟ ପାର କରିବା, ଅନେକ ଫର୍ମ ପୂରଣ କରିବା ଏବଂ ପ୍ରତ୍ୟେକ ସ୍ଥାନରେ ଭିନ୍ନ ଟିକସ ନିୟମର ଚକ୍ରକୁ ପାର କରିବା ଆବଶ୍ୟକ ଥିଲା। ସେ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ସମୟର ଏକ ବ୍ୟକ୍ତିଗତ ସ୍ମୃତି ବିଷୟରେ କହିଥିଲେ। ଗୋଟିଏ ବିଦେଶୀ ଖବରକାଗଜରେ ପ୍ରକାଶିତ ଏକ ଚମତ୍କାର ଉଦାହରଣର ସେ ଉଲ୍ଲେଖ କରିଥିଲେ। ଏହି ଲେଖାଟି ଗୋଟିଏ କମ୍ପାନୀ ଦ୍ୱାରା ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ବର୍ଣ୍ଣନା କରିଥିଲା। ସେତେବେଳେ ବେଙ୍ଗାଲୁରୁରୁ ହାଇଦ୍ରାବାଦକୁ ସାମଗ୍ରୀ ପଠାଇବା ଏତେ କଷ୍ଟକର ଥିଲା ଯେ ବ୍ୟବସାୟୀ ଜଣଙ୍କ ବେଙ୍ଗାଲୁରୁରୁ ୟୁରୋପ ଏବଂ ତା'ପରେ ହାଇଦ୍ରାବାଦକୁ ସାମଗ୍ରୀ ପଠାଇବାକୁ ପସନ୍ଦ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, ଟିକସ ଏବଂ ଟୋଲର ଜଟିଳତା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଉଦାହରଣ ଅଗଣିତ ଉଦାହରଣ ମଧ୍ୟରୁ ଗୋଟିଏ। ଲକ୍ଷ ଲକ୍ଷ କମ୍ପାନୀ ଏବଂ କୋଟି କୋଟି ନାଗରିକ ବହୁସଂଖ୍ୟକ ଟିକସର ଜଟିଳ ଜାଲ ଯୋଗୁଁ ଦୈନନ୍ଦିନ କଷ୍ଟର ସମ୍ମୁଖୀନ ହେଉଥିଲେ। ଗୋଟିଏ ସହରରୁ ଅନ୍ୟ ସହରକୁ ସାମଗ୍ରୀ ପରିବହନର ବର୍ଦ୍ଧିତ ଖର୍ଚ୍ଚ ଶେଷରେ ଗରିବ ଲୋକ ବହନ କରନ୍ତି। ଏହି ଖର୍ଚ୍ଚକୁ ସାଧାରଣ ଜନତାଙ୍କ ଭଳି ଗ୍ରାହକମାନଙ୍କଠାରୁ ଆଦାୟ କରାଯାଏ ବୋଲି ଶ୍ରୀ ମୋଦୀ ଜୋର ଦେଇ କହିଥିଲେ। ଦେଶକୁ ପୁରୁଣା ଟିକସ ଜଟିଳତାରୁ ମୁକ୍ତ କରିବା ଅତ୍ୟନ୍ତ ଜରୁରୀ ଥିଲା ବୋଲି ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ସ୍ମରଣ କରିଥିଲେ ଯେ ୨୦୧୪ ମସିହାରେ ଜନାଦେଶ ପାଇବା ପରେ, ସରକାର ଜନତା ଏବଂ ଦେଶର ସ୍ୱାର୍ଥ ପାଇଁ ଜିଏସଟିକୁ ପ୍ରାଥମିକତା ଦେଇଥିଲେ।

## ବଜ୍ରପାତରେ ୨ ମୃତ

**କେନ୍ଦ୍ରାପଡ଼ା,୨୧।୯ (ନି.ପ୍ର):** ମହାକାଳପଡ଼ା ବ୍ଲକ ନାଞ୍ଚୁରା ପଞ୍ଚାୟତର ତଣ୍ଡିଆପାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମତ୍ସ୍ୟଜୀବୀ ଓ ତାଙ୍କ ପୁଅ ନିକଟସ୍ଥ ସମୁଦ୍ରକୁ ମାଛ ଧରିବାକୁ ଯାଇ ଆଉ ଫେରିନଥିଲେ। ଏହି ଗ୍ରାମର ବିଜୟ ପରିଡ଼ା (୫୫) ଓ ତାଙ୍କ ପୁଅ ମାନସ ପରିଡ଼ା (୨୧) ନିକଟସ୍ଥ ତଣ୍ଡା ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ଗତକାଲି ସେମାନେ ମାଛ ଧରୁଥିବା ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିଜୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପୁଅ ମାନସ କେଉଁ ଆଡେ ନିଖୋଜ ହୋଇଯାଇଥିଲା। ବିଜୟ ଓ ପୁଅ ମାନସ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ପକ୍ଷରୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିପାରିନଥିଲା। ତେବେ ଆଜି ଅପରାହ୍ନ ରେ ସମୁଦ୍ର ମଧ୍ୟରେ ଡ୍ୟୁଟି କରୁଥିବା କୋଷ୍ଟ ଗାର୍ଡର କର୍ମଚାରୀମାନେ ବିଜୟଙ୍କ ମୃତ ଦେହ ଦେଖି ତାଣ୍ଡିଆପାଳ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୭ନଂ ୱାର୍ଡ ବାଲିପଡ଼ା ଗ୍ରାମର ଚାଷୀ ଭାଗବତ କର (୭୮) ଗତକାଲି ଅପରାହ୍ନରେ ବିଲରୁ ଗାଇ ଚରାଇ ଫେରୁଥିବା ସମୟରେ ବାଟରେ ବଜ୍ର ପାତ ଘଟିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଅପରାହ୍ନ ଠାରୁ ନିଖୋଜ ଥିବାରୁ ପରିବାର ଲୋକ ଖୋଜାଖୋଜି କରି ନପାଇବାରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ। ସ୍ଥାନୀୟ ଅଂଚଳ ଚାଷଜମି ବନ୍ୟା ପାଣିରେ ବୁଡି ଯାଇଥିବାରୁ ଦମକଳ ବାହିନୀ ପାଣିରେ ପଶି ନିଖୋଜ ଭାଗବତଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର ତାର ପତ୍ତା ମିଳିନଥିଲା। ଆଜି ନିକଟସ୍ଥ ପାଳରେ ତାଙ୍କର ମୃତ ଶବ ଭାସୁଥିବାର ଦେଖି ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ପଟ୍ଟାମୁଣ୍ଡାଇ ପୋଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିସ୍ଫୋରଣରେ ଉଡ଼ିଲା ବାଣଗୋଦାମ

### ଦୁଇ ମୃତ, ଜଣେ ନିଖୋଜ



**ବୌଦ୍ଧ,୨୧।୯(ନି.ପ୍ର):** ପୁଣି ଘାତକ ସାଜିଲା ବୋଣ ଗୋଦାମ। ଭୟଙ୍କର ବିସ୍ଫୋରଣରେ ଚାଲିଗଲା ୨ ଜଣଙ୍କ ଜୀବନ, ଜଣେ ମହିଳା ନିଖୋଜ ଥିବାବେଳେ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଜିଆକଟା ଏବଂ ଛତ୍ରପୁର ଗାଁ ମଝିରେ ଥିବା ବାଣ ଗୋଦାମରେ ଘଟିଛି ଏହି ଅଘଟଣ। ବାଣ ବିସ୍ଫୋରଣରେ ଗୋଦାମ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଏକ କିଲୋମିଟର ଦୂରରେ ଥିବା ପୁରୁଣାକଟକ ମାର୍କେଟର ଅନେକ ଗାଡ଼ି ଶୋରୁମ୍ ଏବଂ କିଛି ଦୋକାନ ଘରର କାଚ ଭାଙ୍ଗି ଯାଇଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଏକ ବିସ୍ଫୋରଣ ଘଟିଲା, ସେନେଇ ସ୍ପଷ୍ଟ ହୋଇ ନଥିବାବେଳେ ଘଟଣାସ୍ଥଳରେ ହରଭଙ୍ଗା ଅଗ୍ନିଶମ ବାହିନୀ ଓ ପୁରୁଣା କଟକ ପୁଲିସ ଛାନଭିନ ଚଳାଇଛନ୍ତି। ଏହି ଘଟଣା ପରେ ବାଣ ଗୋଦାମ ମାଲିକ ଫେରାର ଥିବା ବେଳେ ପୁରୁଣା କଟକ ବ୍ୟାଙ୍କ କଲୋନୀ ସ୍ଥିତ ତାଙ୍କ ଘରେ ରେଡ୍ କରିଛି। ପୁଲିସ ୩ ମହଲା ବିଶିଷ୍ଟ ତାଙ୍କ ଘରେ ବାଣ ଭର୍ତ୍ତି ଥିବା ସୂଚନା ମିଳିଛି ପାଣି ପକାଇ ସେଗୁଡ଼ିକୁ ପୁଲିସ ନିଷ୍କ୍ରିୟ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

## ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୯((ନି.ପ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆପଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ନୂଆପଡାର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗଦାନ କରିଛନ୍ତି। ସ୍ୱର୍ଗତ ବିଧାୟକଙ୍କ ସ୍ମୃତି ଚାରଣ କରି ସେ କହିଲେ ଯେ ସେ ତାଙ୍କର



ଜଣେ ଉତ୍ତମ ବନ୍ଧୁଥିଲେ। ସ୍ୱର୍ଗତ ଢୋଲକିଆଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥାଇ ପାରନ୍ତି କିନ୍ତୁ ତାଙ୍କ କେହି ରାଜନୈତିକ ଶତ୍ରୁ ନଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୨୦୦୪ ମସିହାରୁ ୪ ଥର ବିଧାୟକ ହୋଇଥିବା ସେହି ଲୋକପ୍ରିୟ ନେତା ଥରେ ମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇ ନୂଆପଡା ତଥା ସମଗ୍ର ରାଜ୍ୟର ବିକାଶ ଓ ପରିବର୍ତ୍ତନରେ ଅମୂଲ୍ୟ ଯୋଗଦାନ ଦେଇଥିଲେ। ତାଙ୍କର ବିୟୋଗରେ ନୂଆପଡା ଜିଲ୍ଲା ତଥା ଓଡ଼ିଶା ଜଣେ ସୁଦକ୍ଷ ଦରଦୀ ରାଜନେତାଙ୍କୁ ହରାଇଲା ବୋଲି ସେ କହିଥିଲେ।

ଏହା ସହିତ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଧାୟକଙ୍କ ପତ୍ନୀ କଳ୍ପନା ଢୋଲକିଆ ଓ ପୁତ୍ର ଜୟଙ୍କୁ ଭେଟି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ତାଙ୍କ ବାସ ଗୃହ ପରିଦର୍ଶନ କରିଥିଲେ। ଏହି ସ୍ମୃତି ଚାରଣ ସଭାରେ ନୂଆପଡା ଜିଲ୍ଲାର ହଜାର ହଜାର ଜନସାଧାରଣଙ୍କ ସହିତ ଶୁଭେଚ୍ଛୁ ଓ ସମର୍ଥକ ମାନେ ବିପୁଳ ସଂଖ୍ୟା ରେ ଯୋଗଦେଇ ସ୍ୱର୍ଗତ ଢୋଲକିଆଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଠାରୁ ଆପତ୍ତି ଅଭିଯୋଗ ସମ୍ବଳିତ ଦରଖାସ୍ତ ମଧ୍ୟ ଗ୍ରହଣ କରିଥିଲେ। ସ୍ଥାନୀୟ ଗୋଟମା ଏୟାର ଷ୍ଟ୍ରିପ ରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମୃତ ପାଲ ସିଂ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ବିଜେପି ଜିଲ୍ଲା ସଭାପତି କମଳେଶ ଦିକ୍ଷିତ ତଥା ବରିଷ୍ଠ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଗଣମାଧ୍ୟମ ଆଗରେ ନିଜର ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ " ନୂଆପଡ଼ା ଜିଲ୍ଲା ଭୁବନେଶ୍ୱରରୁ ବହୁ ଦୂରରେ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଫୋକସ୍‌ରେ ରହିଛି। ତେଣୁ ଜିଲ୍ଲାକୁ ବାରମ୍ବାର ଆସି ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଚେଷ୍ଟିତ ରହିବେ ବୋଲି କହିଥିଲେ।

# ଦୌଡ଼ିଲେ ମୁଖ୍ୟମନ୍ତ୍ରୀ, ନିଶାମୁକ୍ତ ପାଇଁ ଦେଲେ ଆହ୍ୱାନ

**ଭୁବନେଶ୍ୱର,୨୧।୯(ନି.ପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପି ଜାରି ରହିଥିବା ସେବା ପର୍ବ ଅନ୍ତର୍ଗତ 'ନିଶାମୁକ୍ତ ଭାରତ ଅଭିଯାନ' ରେ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରୁ ଏକ ବିଶାଳ ଗଣ ଦୌଡ଼ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଏହି ଗଣ ଦୌଡ଼ରେ ସାମିଲ ହୋଇଥିଲେ। କଳିଙ୍ଗ ଷ୍ଟାଡିଅମ ଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଆୟୋଜିତ ମାରାଥନରେ ମୁଖ୍ୟମନ୍ତ୍ରୀ ନିଜେ ସମସ୍ତ ଛାତ୍ରଛାତ୍ରୀ, ଖେଳାଳୀ, ଯୁବବର୍ଗ ଓ ଅନେକ ନେତୃବୃନ୍ଦଙ୍କ ସହ ସାମିଲ ହୋଇ ନିଶାମୁକ୍ତ ଭାରତର ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଭାରତବର୍ଷକୁ ନିଶାମୁକ୍ତ କରିବା ପାଇଁ ମୋଦୀଜୀଙ୍କ ଏହି ନୂଆ ସଂକଳ୍ପ ଯୁବବର୍ଗଙ୍କୁ ରାଷ୍ଟ୍ର ଗଠନ ଦିଗରେ ପ୍ରେରିତ କରିବ।

ଯୁବବର୍ଗ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରଷା ଅଛି। ଯୁବବର୍ଗଙ୍କ ଜ୍ଞାନ, ଦକ୍ଷତା, କର୍ମ କୁଶଳତା ଓ ଦାୟିତ୍ୱବୃଦ୍ଧି ଜରିଆରେ ସେ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ରଖିଛନ୍ତି। ମୋଦୀଜୀଙ୍କ ଅନେକ ସଂକଳ୍ପ ଦେଶର ଅନେକ ସମସ୍ୟା ଦୂର କରିପାରିଛି। ଦେଶର ଦାରିଦ୍ର୍ୟ ବର୍ତ୍ତମାନ ସର୍ବନିମ୍ନ ସ୍ତରରେ ଅଛି



। ସବୁ ଗାଁ'କୁ ବିଜୁଳି, ସବୁ ଗାଁ'କୁ ପିଇବା ପାଣି ଯୋଗାଣ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣତା ହାସଲ କରିବାର ଦ୍ୱାରଦେଶରେ ପହଂଚି ସାରିଛୁ। ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମ ଦେଶକୁ ଆତ୍ମନିର୍ଭରତାର ରାସ୍ତାରେ ଆଗକୁ ନେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ନିଶାମୁକ୍ତି ଅଭିଯାନ ବିଷୟରେ କହିବାକୁ ଯାଇ ସେ କହିଥିଲେ ଯେ, ଆଜିର ସମାଜରେ ମଦ୍ୟପାନ, ଗୁଟଖା, ଧୂମପାନ, ଗଞ୍ଜେଇ ଏବଂ ବିଭିନ୍ନ ଡ୍ରଗ୍‌ସ ପରି ବିଭିନ୍ନ ମାଦକଦ୍ରବ୍ୟର ପ୍ରଭାବ ଭୟଙ୍କର ଭାବରେ ବଢୁଛି। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରେନାହିଁ, ନିଶା ନିଜ ସହିତ ନିଜ ପରିବାରକୁ ଛାରଖାର କରିଦିଏ। ନିଶା ପାଇଁ ପାଠପଢ଼ାରେ ଅସଫଳତା, ସ୍ୱାସ୍ଥ୍ୟର ଅବନତି, ଅପରାଧ ପ୍ରବୃତ୍ତିରେ ବୃଦ୍ଧି, ପରିବାରରେ ଅଶାନ୍ତି ଆଣିଥାଏ। ଜଣେ ନିଶାସକ୍ତ ଯୁବକ, ତାଙ୍କର ପିତାମାତାଙ୍କ ସ୍ୱପ୍ନକୁ ଭାଙ୍ଗିଦେଇଥାଏ। ଦେଶର ଭବିଷ୍ୟତ ଯିଏ ଗଢିଥାନ୍ତା, ସିଏ ଦେଶ ପାଇଁ ଏକ ବୋଝରେ ପରିଣତ ହୋଇଯାଏ। ଦେଶକୁ ନିଶାମୁକ୍ତ କରିବାର ଦାୟିତ୍ୱ ମୋଦିଜୀ ଯୁବବର୍ଗଙ୍କ ଉପରେ ଅର୍ପଣ କରିଛନ୍ତି। ଆପଣମାନେ ହିଁ ମୋଦୀଜୀଙ୍କ ସଂକଳ୍ପକୁ ପୂରଣ କରିବେ। ଆପଣମାନେ ହିଁ ଏ ପରିବର୍ତ୍ତନର ସୂତ୍ରଧର ହେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ଯୁବବର୍ଗ ଙ୍କୁ ସଙ୍କଳ୍ପ କରାଇଥିଲେ ଓ -- "ନିଶା ମୁକ୍ତ ଭାରତ ଗଠନ କରିବା, ଯୁବବର୍ଗର ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ଦେଶ ଗଠନରେ ଉପଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମେ ଫେୟାର ଛକ ଠାରେ ଥିବା ଏକ ଚା ଦୋକାନ ପାଖରେ ଚା ପିଇବା ସହିତ ସେଠାରେ ଥିବା ଜନସାଧାରଣଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଚା ପିଉ ପିଉ ମୁଖ୍ୟମନ୍ତ୍ରୀ, କେତେବେଳେ ବୁଢ଼ୀ ମାଆଟିକୁ ତା' ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥାନ୍ତି ତ, କେତେବେଳେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ସରକାରୀ ସୁବିଧା ବିଷୟରେ ପଚାରି ବୁଝୁଥାନ୍ତି। ପାଖରେ ଥିବା ଛାତ୍ର ଛାତ୍ରୀଙ୍କୁ ମଧ୍ୟ ଭଲ ପାଠ ପଢିବା ଏବଂ ଯୁବ ବର୍ଗଙ୍କୁ ନିଶା ସେବନର ଅପକାରିତା ବିଷୟରେ ବୁଝାଉ ଥାନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।



# ଲହଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଫାଉଣ୍ଡେସନ ଡେ ପାଳିତ



**ଯୋଡ଼ା,୨୧।୯:(ମନ୍ଥନ)** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଲାହାଣ୍ଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ତା ୧୯/୦୯/୨୦୨୫ ରିଖ ଦିନ ଫାଉଣ୍ଡେସନ ଡେ ମହା ଆଡ଼ମ୍ବରରେ ପାଳିତ ହୋଇ ଯାଇଅଛି । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ,ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଉତ୍ସବକୁ ସରସ ସୁନ୍ଦର କରିବାରେ ସମସ୍ତ କାର୍ଯ୍ୟ କୁ ତଦାରଖ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ରୂପେ ଯୋଡ଼ା ବ୍ଲକ ର ଡେଭଲପମେ ଅଫିସର ଦାନିସ ବେହେରା ଗୋଗଦେଇ ସଭାର ମର୍ଯ୍ୟାଦା ବଢ଼ାଇ ଥିଲେ। ତେବେ ସଭାକୁ ଉଦବୋଧନ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ଆଜିର ଏହି ଅତ୍ୟାଧୁନିକ ସମୟରେ ବିଦ୍ୟା କୁ ଆୟ କରିବା ପାଇଁ ଧାର୍ଯ୍ୟ ଏବଂ ଏକାଗ୍ରତା ନିତ୍ୟାନ୍ତ ଆବଶ୍ୟକ। ଏକାଗ୍ରତା ବିନା ଶିକ୍ଷା ର ବିକାଶ ହୋଇ ନଥାଏ । ତତ୍ ସହିତ ବାପା,ମା ଏବଂ ଗୁରୁଜନ ମାନଙ୍କୁ ପ୍ରତ୍ୟେକ ସମୟରେ ସମ୍ମାନ ଦେବା ନିତ୍ୟାନ୍ତ ଜରୁରୀ । କାରଣ ସେମାନଙ୍କର ଅଶ୍ରି ବାଦ ଉନ୍ନତି କରିବାରେ ସହାୟକ ହୋଇଥାଏ। ଦେଶର ବିକାଶ ଶିକ୍ଷା ର ବିକାଶ ରୁ ସୃଷ୍ଟି ହୋଇଥାଏ। ତେଣୁ ଉପଯୁକ୍ତ ଶିକ୍ଷାର ଅଭିବୃଦ୍ଧି ରୁ ହିଁ ଦେଶ ଆଗକୁ ବଢ଼ି ଥାଏ । ଏହି ସଭା ଦିବା ଦଶ ଘଟିକା ରୁ ଆରମ୍ଭ ହୋଇ ଦିବା ଦୁଇ ଘଟିକା ରେ ଶେଷ ହୋଇଥିଲା ।

# କେନ୍ଦ୍ରାପଡା ମହାବିଦ୍ୟାଳୟରେ ୨୩ରେ ସ୍ୱାସ୍ଥ୍ୟ ଶିବିର

**କେନ୍ଦ୍ରାପଡ଼ା,୨୧।୯:(ମନ୍ଥନ)**ଆସନ୍ତା ୨୩ତାରିଖ ମଙ୍ଗଳବାର 'ମାଇଁ ଏନ ସି ସି ଆଲୁମନି ଆସୋସିଏସନ ପକ୍ଷରୁ ଏକ 'ସ୍ୱାସ୍ଥ୍ୟ ପରୀକ୍ଷା ଶିବିର' କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଶିବିରରେ ସାଧାରଣ ଔଷଧ, ଚକ୍ଷୁ ଏବଂ ଦାନ୍ତର ପରୀକ୍ଷା କରାଯିବ। କେବଳ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପିଲାମାନେ ଏଥିନିମନ୍ତେ ପଞ୍ଜିକୃତ କରି ସମ୍ପୂର୍ଣ ମାଗଣାରେ ପରୀକ୍ଷା କରିପାରିବେ। ଏହି ଶିବିରରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେବାକୁ ମାଇଁ ଏନ ସି ସି ଆଲୁମନିର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ନିବେଦନ କରିଛନ୍ତି।

# ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବ୍ରହ୍ମପୁରରୁ ଶୁଭାରମ୍ଭ ହେଲା ବରିଷ୍ଠ ନାଗରିକ ଦ୍ୱିତୀୟ ତୀର୍ଥଯାତ୍ରା



**ବ୍ରହ୍ମପୁର,୨୧।୯:(ମନ୍ଥନ)** ଆଜି ରାଜ୍ୟର ୫ଟି ଜିଲ୍ଲାର ପ୍ରାୟ ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ଜଣ ଏସ୍କର୍ଟ ପୂର୍ବାହ୍ନ ସମୟରେ ବ୍ରହ୍ମପୁର ଠାରୁ ଅଯୋଧ୍ୟା ଓ ବାରାଣସୀ ତୀର୍ଥ ସ୍ଥାନ ଅଭିମୁଖେ ଯାତ୍ରା କରିଛନ୍ତି । ବ୍ରହ୍ମପୁର ରେଳ ଷ୍ଟେସନ ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଏହି ଦ୍ୱିତୀୟ ତୀର୍ଥଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ରୂପେ ଯୋଗଦେଇ ତୀର୍ଥ ଟ୍ରେନର ଉଦଘାଟନ କରିଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ବୁଢ଼ୀ ଠାକୁରାଣୀ ପୀଠରୁ ଦର୍ଶନ କରି ଆଶୀର୍ବାଦ କାମନା କରିବା ପରେ ସେଠାରୁ ବାହାରି ରେଳ ଷ୍ଟେସନ ଥରେ ପହଞ୍ଚି ସମସ୍ତ ତୀର୍ଥଯାତ୍ରୀଙ୍କୁ ଯାତ୍ରାର ଶୁଭକାମନା ଜଣାଇ ଶୁଭ ମନାସି ଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତୀର୍ଥଯାତ୍ରୀ ମାନେ ପ୍ରଥମେ ପବିତ୍ର ଗଙ୍ଗା ଘାଟ ଠାରେ ପହଞ୍ଚି ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ପରିଦର୍ଶନ କରିବେ ଓ ଶେଷରେ ଶ୍ରୀ ରାମ ଲାଲ୍ଲାଙ୍କ ସାନ୍ନିଧ ଲାଭ କରି ନିଜର ମନସ୍କାମନା ପୁରଣ କରି ଫେରିବେ ବୋଲି କହିଥିଲେ । ତେବେ ଏହି ୫ ରାତି ଓ ଛଅ ଦିନ ଯାତ୍ରାର ସୁଖମୟ ହେଉ ବୋଲି ପ୍ରଭୁ ଜଗନ୍ନାଥଙ୍କ ଠାରେ କାମନା କରିଥିଲେ । ଏନେଇ ଉକ୍ତ ଯାତ୍ରା ସମୟରେ ଯାତ୍ରୀ ମାନଙ୍କ ସୁରକ୍ଷା ଓ ନିରାପତ୍ତା ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତ ଥିବା ଏସ୍କର୍ଟ ଅଧିକାରୀ ମାନଙ୍କୁ ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶ ଥାଉ କି, ଆଜିର ଏହି ଯାତ୍ରାରେ ଗଜପତି ଜିଲ୍ଲାରୁ ୭୨ ଜଣ, ନୟାଗଡ଼ ଜିଲ୍ଲାରୁ ୧୧୯ ଜଣ, କନ୍ଧମାଳ ଜିଲ୍ଲାରୁ ୯୧ ଜଣ, ବୌଦ୍ଧ ଜିଲ୍ଲାରୁ ୫୫ ଜଣ ଏବଂ ଗଞ୍ଜାମ ଜିଲ୍ଲାରୁ ମୋଟ ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇ ଯାତ୍ରା କରିଥିବା ଗଞ୍ଜାମ ଜିଲ୍ଲା ଜିଲ୍ଲାପାଳ ଶ୍ରୀ ଭି କୀର୍ତ୍ତି ଭାସନ୍ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଗୁରୁବାର ରାତ୍ରିରେ ରେଳ ଷ୍ଟେସନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ତୀର୍ଥଯାତ୍ରୀ ମାନଙ୍କୁ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟ ପେୟ ଓ ଭୋଜନ ସନ୍ଧ୍ୟା ଇତ୍ୟାଦି ସମସ୍ତ ସୁବିଧାର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିବା ମଧ୍ୟ ଜିଲ୍ଲାପାଳ କହିଛନ୍ତି । ଉକ୍ତକାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ଅଧକ୍ଷତା କରି ସ୍ୱାଗତ ଭାଷଣରେ ତୀର୍ଥର ଆନନ୍ଦ ଉଠାଇ ମନ ଓ ଶରୀରକୁ ପ୍ରଫୁଲିତ ରଖିବାକୁ ଯାତ୍ରୀ ମାନଙ୍କୁ ପରାମର୍ଶ ଦେବା ସହ ଯାତ୍ରା ପାଇଁ ଶୁଭକାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପର୍ଯଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ଼ ରୁଦ୍ର ନାରାୟଣ ଦାସ ଏବଂ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ । ସଭାକାର୍ଯ୍ୟ ଶେଷରେ ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଂସଦା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବ୍ୟାପକ ଦେଶୀ ମଦ ଜବତ ,୪ ଗିରଫ

**ଯୋଡ଼ା,୨୧।୯:(ମନ୍ଥନ)**କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସିତାରାଣୀ ପଟାୟତ ଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଅବକାରୀ ଇନ୍ସପେକ୍ଟର ଓ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଇନ୍ସପେକ୍ଟର ଜାଗା ରାଓ ,ଯୋଡ଼ା ଅବକାରୀ ସବଇନ୍ସପେକ୍ଟର ପ୍ରଶାନ୍ତ ପରିଡା ଏବଂ ଯୋଡା ପୋଲିସ ମିଳିତ ଭାବେ ଶନିବାର ଦିନ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୩ ଟି ପୃଥକ ସ୍ଥାନରେ ଚାଉ କରିଥିଲେ । ତେବେ ଚଢ଼ାଉ ବେଳେ ୫୦୦୦ କେଜି ଦେଶୀ ମହୁଲି ପଚ୍ଚ ଏବଂ ୩୮୯ ଲିଟର ଦେଶୀ ମଦ ଜବତ କରି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଦେଶୀ ମଦ ଏବଂ ନକଲି ମଦ କୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଅବକାରୀ ବିଭାଗ ର ସ୍ପେସିଆଲ ଡ୍ରାଇଭ ଚାଲୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଯୋଡ଼ା ପୌରପାଳିକା ଅନ୍ତର୍ଗତ ଉଲି ହୋଟିଂ, ବିରକୁଣ୍ଡି ଏବଂ



ସହର ର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଏବଂ ପୋଲିସ ମିଳିତ ଚଢ଼ାଉ କରି ସଫଳ ହେଇଥିଲେ । ତେବେ ଅଭିଯୁକ୍ତ ମାନେ ହେଲେ ଯୋଡ଼ା ସ୍ଥିତ ବିରକୁଣ୍ଡି ଅ ଲର ସୁରେଶ ମୁଣ୍ଡା(୨୫) ଏବଂ ଉଲି ହିଟିଂ ର ମିନା ସିଂ ବୟସ(୫୦ )ବୋଲି ଜଣାପଡିଛି । ସେହିପରି ଶନିବାର ଦିନ ଦିପହର ରେ ବସନ୍ତ ପୁର ରୁ ଯୋଡ଼ା କୁ ଦେଶୀ ମଦ ବାଇକ ନମ୍ବର(ଓଡ଼ି୦୯ଟ୦୭୫୮ )ଯୋଗେ ଚୋରା ଚାଲାଣ କରୁଥିବା ବେଳେ ଯୋଡ଼ା ଅବକାରୀ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ୪୫ ଲିଟର ଦେଶୀ ମଦ ଏବଂ ବାଇକ କୁ ଜବତ କରି ୨ ଜଣ କୁ ଗୁରଫ କରି କୋର୍ଟ ଚାଲାଣ କରିଛନ୍ତି । ତେବେ ଅଭିଯୁକ୍ତ ମାନେ ହେଲେ ସୁରେନ୍ଦ୍ର ମୁଣ୍ଡ(୨୧) ଏବଂ ଜ୍ୟୋତି ମାଝୀ(୪୮) ବୋଲି ଜଣାପଡିଛି । ଅବୈଧ ମଦ ବ୍ୟବସାୟକୁ ନିୟନ୍ତ୍ରଣ କରିବା ପାଇଁ ଏପରି ଯୁକ୍ତ ଅଭିଯାନ ଆଗାମୀଦିନରେ ମଧ୍ୟ ଚାଲୁରହିବ ବୋଲି ଚମ୍ପୁଆ ଅବକାରୀ ଇନ୍ସପେକ୍ଟର ଜାଗା ରାଓ କହିଛନ୍ତି।

# କେନ୍ଦ୍ରାପଡାରୁ ଭୁବନେଶ୍ୱରକୁ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ପୂର୍ବତଟ ରେଳପଥ ପରିଚାଳକଙ୍କୁ ସ୍ମାରକପତ୍ର

**କେନ୍ଦ୍ରାପଡ଼ା,୨୧।୯:(ମନ୍ଥନ)**କେନ୍ଦ୍ରାପାଡାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସିଧାସଳଖ ପ୍ୟାସେଞ୍ଜର ଟ୍ରେନ ଚଳାଚଳ ପାଇଁ ପୂର୍ବତଟ ରେଳବାଇର ମ୍ୟାନେଜରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର କେନ୍ଦ୍ରାପଡାର ସାମାଜିକ କର୍ମୀ ସମୀର ଚାନ୍ଦ, ସଞ୍ଜୟ ରାଉତ ଓ ଅମିୟ ବଳଙ୍କ ନେତୃତ୍ୱରେ ଏକ ଦଳ ପୂର୍ବତଟ ରେଳବାଇର ମ୍ୟାନେଜରଙ୍କୁ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରାପଡାରୁ ପ୍ରତିଦିନ ହଜାରେ ଲୋକ ଚାକିରୀ, ଶିକ୍ଷା, ବ୍ୟବସାୟ ଓ ଚିକିତ୍ସା କାରଣରୁ ଭୁବନେଶ୍ୱର ଯାଇଥାନ୍ତି। ସିଧାସଳଖ ଟ୍ରେନ ସେବା ନଥିବାରୁ ଲୋକମାନେ ଅନେକ କଷ୍ଟ ଭୋଗୁଛନ୍ତି ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ମାଧ୍ୟମରେ କେନ୍ଦ୍ରାପାଡା-ଭୁବନେଶ୍ୱର ରୁଟ୍‌ରେ ଶୀଘ୍ର ପ୍ୟାସେଞ୍ଜର ଟ୍ରେନ ଚଳାଚଳ କରାଯିବାକୁ ପୂର୍ବତଟ ରେଳବାଇ ନିକଟରେ ଦାବି ରଖାଯାଇଛି।

# ପିସିଆ ପକ୍ଷରୁ ଆକ୍ସନ୍ ଟୁ ଚେଞ୍ଜ୍ ଟୁଗେଦର କାର୍ଯ୍ୟକ୍ରମ

**ଢେଙ୍କାନାଳ,୨୧।୯:(ମନ୍ଥନ)**ଓଡିଶା ସରକାରଙ୍କ ଉପଦେଶ ଏବଂ ମାର୍ଗଦର୍ଶନରେ, ଆକ୍ସନ ଟୁ ଚେଞ୍ଜ ଟୁଗେଦର୍ (ଏସିଟି) ପ୍ରକଳ୍ପକୁ ପିସିଆଇ ଇଣ୍ଡିଆ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି । ଏହା ସିମେନ୍ସ ହେଲଥିନର୍ସ ଦ୍ୱାରା ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଉପକ୍ରମ ଅନ୍ତର୍ଗତ ଧାରଣାଗତ, ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରାପ୍ତ ଅଟେ । ଏସିଟି ପ୍ରକଳ୍ପ ମାଧ୍ୟମରେ ସମୁଦାୟଗୁଡିକୁ ରୂପାନ୍ତରଣ କରାଯାଉଛି। ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପାଇଁ ସ୍କ୍ରିନିଂ, ଉନ୍ନତ ସଚେତନତା ଏବଂ ଯତ୍ନ ପାଇଁ ପରାମର୍ଶ, ଗୋଷ୍ଠୀଗତ ବ୍ୟାୟାମ ଏବଂ ସୁସ୍ଥ ଅଭ୍ୟାସ ପରି ଜୀବନଶୈଳୀ ପରିବର୍ତ୍ତନ କାର୍ଯ୍ୟକଳାପ ଏସିଟି ପ୍ରକଳ୍ପ ଅଧୀନରେ, ସଦର, ହିନ୍ଦୋଳ, ଓଡ଼ପଡା ଏବଂ ଗଁନ୍ଦିଆ ବ୍ଲକ୍‌ରେ ୨ଲକ୍ଷ ୫୬ ହଜାର ଲୋକଙ୍କର ସ୍କ୍ରିନିଂ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୨୨ଜଣ ମହିଳା ଏନ୍‌ସିଡି ସ୍ୱେଚ୍ଛାସେବୀ ଭାବେ ନିୟୋଜିତ ହୋଇଥିଲେ । ୪୧,୩୧୦ ସନ୍ଦିଗ୍ଧ ଉଚ୍ଚ ରକ୍ତଚାପ ଏବଂ ୩୨,୬୩୮ ସନ୍ଦିଗ୍ଧ ମଧୁମେହ ରୋଗୀ ଚିହ୍ନଟ ହୋଇଥିଲେ । ସ୍ୱାସ୍ଥ୍ୟ ସୁବିଧା ପରିଦର୍ଶନ ପରେ ୩୦,୭୦୧ ଉଚ୍ଚ ରକ୍ତଚାପ ଏବଂ ୨୩,୮୫୨ ମଧୁମେହ ରୋଗୀଙ୍କର ରୋଗ ଚିହ୍ନଟ ହୋଇଥିଲା । ୧୦ ହଜାରରୁ ଅଧିକ ସହ-ରୋଗାବସ୍ଥା ମାମଲା ମଧ୍ୟ ଚିହ୍ନଟ ହୋଇଥିଲା । ୬୫୦ ରୁ ଲୋକଙ୍କୁ ଅଧିକ ଜୀବନଶୈଳୀ ପରିବର୍ତ୍ତନ ପାଇଁ ପରାମର୍ଶ ଦିଆଯାଇଥିଲା। ୫୯୦ ରୁ ଅଧିକ ଆଗଧାଡିର ସ୍ୱାସ୍ଥ୍ୟ କର୍ମୀ ଏବଂ ୯ ହଜାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ଏହି ପ୍ରୟାସ ଗୁଡ଼ିକ ଢେଙ୍କାନାଳରେ ଅଣସଂକ୍ରାମକ ରୋଗ (ଏନ୍‌ସିଡିସ୍)ର ବୋଝ ହ୍ରାସ କରିବାରେ ପ୍ରାରମ୍ଭିକ ସ୍କ୍ରିନିଂ, ସଠିକ୍ ସମୟରେ ରେଫେରାଲ୍ ଏବଂ ଜୀବନଶୈଳୀ ପରିବର୍ତ୍ତନର ଶକ୍ତିକୁ ହାଇଲାଇଟ୍ କରିଥାଏ । ଏହି ପ୍ରୟାସଗୁଡ଼ିକ ଅଣସଂକ୍ରାମକ ରୋଗର ଆଶଙ୍କାକୁ କମ୍ କରିବାରେ ଏବଂ ଢେଙ୍କାନାଳର ଗ୍ରାମୀଣ ଲୋକଙ୍କୁ ସୁସ୍ଥ ଓ ଶକ୍ତିଶାଳୀ ଜୀବନ ବଂଚିବା ପାଇଁ ସଶକ୍ତ କରିବାରେ ସାହାଯ୍ୟ କରୁଛି । ଏକାଠି ମିଶି ଏକ ସୁସ୍ଥ ଭବିଷ୍ୟତ ଗଢିବା- ଗୋଟିଏ ପଦକ୍ଷେପ, ଗୋଟିଏ ପରିବର୍ତ୍ତନ, ଏକ ସମୟରେ ଗୋଟିଏ ସମୁଦାୟ ।

# ସବୁଜ ଭାରତ ଗଠନ ନିମନ୍ତେ ଚାରା ରୋପଣ କାର୍ଯ୍ୟକ୍ରମ

**ଢେଙ୍କନାଳ,୨୧।୯:(ମନ୍ଥନ)**ପ୍ରଧାନମନ୍ତ୍ରୀଙ୍କ ୭୫ଦମ ଜନ୍ମଦିବସ ଅବସରରେ 'ଏକ୍ ପେଡ୍ ମା' କେ ନାମ୍' ର ଦ୍ୱିତୀୟ ସଂସ୍କରଣ ସଦର ବ୍ଲକ୍ ଅନ୍ତର୍ଗତ ଲଛମନ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଚାରା ରୋପଣ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଜିଲ୍ଲାର ଓଡାପଡା ବ୍ଲକ୍ ଅନ୍ତର୍ଗତ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ 'ନିଶ୍ୱାର୍ଡ' ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଶାଖା ମୋ ଭାରତ-ଢେଙ୍କାନାଳ ମିଳିତ ଆନୁକୂଲ୍ୟରେ ବିକାଶ ଦିବସ ପାଳିତ ହୋଇଯାଇଅଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଏକ୍ ପେଡ୍ ମା'କେ ନାମ୍' ଅଭିଯାନରେ ଚାରା ରୋପଣ କରିଥିଲେ । ମା'ଙ୍କ ସ୍ମୃତିରେ ଗଛଟିଏ ଲଗାନ୍ତୁ, ସେହି ଗଛଟିକୁ ନିଜ ପରିବାରର ସଦସ୍ୟ ଭଳି ଯତ୍ନ ନେବା ଉଚିତ୍ ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଆମ ସମସ୍ତଙ୍କର ଉତର ଦାୟିତ୍ୱ ବୋଲି ମନ୍ତବ୍ୟ ରଖିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପୁରାତନ ଛାତ୍ର କମିଟିର ସଭାପତି ଚନ୍ଦ୍ର ଶେଖର ବରାଳ ଯୋଗଦେଇ ରକ୍ତ ଚନ୍ଦନ ଗଛ ଲଗାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହା ବ୍ୟତୀତ ପଂଚମୁଖୀ ରୁଦ୍ରାକ୍ଷ, ଓଉ, କରମଙ୍ଗା, ଜାମୁ ଓ ଆମ୍ବ ଆଦି ଚାରା ରୋପଣ କରାଯାଇଥିଲା । ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ ଯୋଗଦେଇ ପରିପ୍ରକାଶ କରିଥିଲେ, ଆମ୍ଭେମାନେ ସ୍ୱତଃପ୍ରବୃତ ଭାବେ ଏକ ବିକଶିତ ଭାରତ ପାଇଁ ନିଜ ଦାୟିତ୍ୱ ନିର୍ବାହ କରିବା ଉଚିତ୍ । ବୃକ୍ଷର ଦାୟିତ୍ୱ ଓ ଆବଶ୍ୟକ ଉପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ଦେଇଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କାର୍ଯ୍ୟକ୍ରମ ସଂପର୍କିତ ପ୍ରଶ୍ନୋତର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ରଞ୍ଜନ କୁମାର ସାହୁ, ଧୀରେନ୍ଦ୍ର କୁମାର ନନ୍ଦ, ରାଧାମୋହନ ମାଝୀ ଓ ଶିକ୍ଷୟିତ୍ରୀ ସିଞ୍ଜିନି ଲେଙ୍କା, ସନ୍ଧ୍ୟାରାଣୀ ସ୍ୱାଇଁ, ମମତା ରାଉତ, କର୍ମକର୍ତ୍ତା ଗୌରାଙ୍ଗ ଚରଣ ସ୍ୱାଇଁ, ବିମ୍ବାଧର ସ୍ୱାଇଁ, ସୁଶାନ୍ତ କୁମାର ଖୁଂଟିଆ, ପ୍ରଶାନ୍ତ ଚନ୍ଦ୍ର ସ୍ୱାଇଁ ଓ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ ।

# ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ମୁଣ୍ଡ ଗଣ୍ଡି ଅଲଗା କଲା ସ୍ୱାମୀ ?

**ଜଳେଶ୍ୱର ,୨୧।୯:(ମନ୍ଥନ)**ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ କାଳିକ ପଞ୍ଚାୟତର ଚକୁଆପାଳ ଗାଁର ବିଷ୍ଣୁ ପାତ୍ରଙ୍କ ସାନପୁଅ ଚନ୍ଦ୍ରମୋହନ ପାତ୍ର ୨୯ ବର୍ଷ ତଳେ ଗାଁ ପାଖ ତେନ୍ତୁଳାରୁ ଯଦୁ ହାଁସଦାଙ୍କ ଝିଅ ଜୟନ୍ତୀ ପାତ୍ର (୪୫)ଙ୍କୁ ପ୍ରେମ ବିବାହ କରିଥିଲେ । ସୂଚନା ଯୋଗ୍ୟ ଜୟନ୍ତୀ ଆଗରୁ ଜଣଙ୍କୁ ବିବାହ କରିଥିଲେ ଓ ତାଙ୍କର ଗୋଟିଏ ପ୍ରଥମ ସ୍ୱାମୀଠୁ ଝିଅଟିଏ ଥିଲା । ପରେ ଚନ୍ଦ୍ରମୋହନ ଓ ଜୟନ୍ତୀ ଅନେକ ଭଲରେ ଘରସଂସାର କରିଥିଲେ ଯତିନିଝିଅ ଓ ଗୋଟିଏ ପୁଅ ହୋଇଥିଲା ଯଇତି ମଧ୍ୟରେ ଜୟନ୍ତୀର ଚରିତ୍ର ପ୍ରତି ଚନ୍ଦ୍ରମୋହନର ସନ୍ଦେହ ବଢିଥିଲା । ଜୟନ୍ତୀ ମଧ୍ୟ ସ୍ୱାମୀ ଠାରୁ ମଝିରେ ମଝିରେ ଦୂରେଇ ରହୁଥାଏ ଯଜୟନ୍ତୀର ସ୍ୱଭାବ ଓ ଚରିତ୍ରକୁ ନେଇ ପାରିବାରିକ ଅଶାନ୍ତି ବଢିଚାଲିଲା । ପଟେ ପିଲାମାନଙ୍କ ବୟସ ବଢିବାରେ ଲାଗିଥାଏ । ବାପାମାଆଙ୍କ ଏପରି ଝଗଡାରେ ପିଲାମାନେ ମଧ୍ୟ ଯେ ଯାହାର ବାଟ ବାଛିବାରେ ଲାଗିଲେ । ବଡ ଝିଅ ସମିତା ବେଶ୍ରା ଓ ସାନ ଝିଅ ଅମ୍ରିତା ହେମ୍ବ୍ରମ ପାଖ ଗାଁ ଗହିରାବନ୍ଧରେ ସାନ୍ତାଳ ସମ୍ପ୍ରଦାୟରେ ବିବାହ କଲେ । ପୁଅ ମଧ୍ୟ ବାହା ହୋଇ ଘରଠୁ ଦୂରରେ ରହିଲା । ମଝିଆ ଝିଅ ନମିତା ଭଦ୍ରକ ଜିଲ୍ଲାର ବିବାହ କଲା । ପୁଅ ଗୌତମ ପାତ୍ରଙ୍କ (୨୨) ପାଖରେ ଯାଇ ଜୟନ୍ତୀ କାମ କରୁଥିଲା ବୋଲି ବଡ ଝିଅ ସମିତା କହିଛି । ବଡଝିଅ ରାଇବଣିଆ ଥାନାରେ ଦେଇ ଥିବା ଅଭିଯୋଗ ଅନୁସାରେ ମାଆକୁ ଫୋନ କରିଥିଲା,ଫୋନ ଅଫ ରହିବା ଦେଖି ଖୋଜାଖୋଜି କରି ଘରେ ଆସି ଦେଖିଥିଲା ,ତା' ମାଆ । ଖଟ ଉପରେ ଶୋଇଛି ଆଉ ମୁଣ୍ଡ ଗଣ୍ଡି ଅଲଗା ହୋଇଛି । ସୂଚନା ଅନୁଯାୟୀ ଗୁରୁବାର ରାତ୍ରିରେ ଜୟନ୍ତୀ ଶୋଇ ଥିଲା ବେଳେ ଚନ୍ଦ୍ରମୋହନ ଧାରୁଆ ଅସ୍ତ୍ର ସାହାଯ୍ୟରେ ଜୟନ୍ତୀର ମୁଣ୍ଡ ଗଣ୍ଡି ଅଲଗା କରିଥିବାର ଅନୁମାନ କରାଯାଉଛି ଯଘରକୁ ଲାଗି ଚନ୍ଦ୍ରମୋହନଙ୍କ ବଡ ଭାଇ ଭାଉଜ ରୁହନ୍ତି । ସେମାନଙ୍କ ସହ ପଡିଶାଘର ମଧ୍ୟ ଏ ନେଇ କୌଣସି ଟେର ନ ପାଇବାର କହିଛନ୍ତି । ଏନେଇ ରାଇବଣିଆ ଥାନାରେ ଜଣାଇବା ପରେ ଥାନା ଅଧିକାରୀଙ୍କ ସହ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।ବାଲେଶ୍ୱରରୁ ସାଇଣ୍ଟିଫିକ ଟିମ୍ ଆସିଲେ ଶବ ବ୍ୟବଚ୍ଛେଦ ପାଇଁ ନିଆଯିବ ।

# ଗଡଜାତ ଗାନ୍ଧୀ ସାରଙ୍ଗଧରଙ୍କ ୬୮ତମ ଶ୍ରାଦ୍ଧୋତ୍ସବ ପାଳିତ

**ଢେଙ୍କାନାଳ, ୨୧।୯:(ମନ୍ଥନ)**ଗଡଜାତ ଗାନ୍ଧୀ ଭାବେ ପରିଚିତ ଦେଶର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ଲୋକସଭା ସଦସ୍ୟ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ୬୮ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଢେଙ୍କାନାଳ ଶ୍ରୀ ବଳରାମ ମନ୍ଦିର ପାଖରେ ଅବସ୍ଥାପିତ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ଭବ୍ୟ ପୂର୍ଣ୍ଣାବୟବ ପ୍ରତିକୃତିରେ ''ସାରଙ୍ଗଧର ସେବା ପରିଷଦ-ହରେକୃଷ୍ଣପୁର'' ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ସେବା ପରିଷଦର ସଭାପତି ଚିତରଞ୍ଜନ ପୂହାଣ, ସଂପାଦକ ସୁଜିତ୍ ରାଜ୍, ପ୍ରକାଶ ଗୋଚ୍ଛାୟତ, ଲଳିତ ପୃଷ୍ଟି, ବିଶ୍ୱଜିତ୍ ନାୟକ, ସୁବ୍ରତ,ଚନ୍ଦନ, କାଳିଆ, ସାନୁ, ମଧୁସୂଦନ, ବବୁଲ, ସୋନୁ ଓ ବିକ୍ରମ ଆଦି ଯୁବ ସଦସ୍ୟବୃନ୍ଦ ସାରଙ୍ଗଧରଙ୍କର ନିଜ ଗ୍ରାମରୁ ଢେଙ୍କାନାଳ ସହରକୁ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପରିଷଦର ମୁଖ୍ୟ ଉପଦେଷ୍ଟା ସମାଜସେବୀ ପ୍ରଦ୍ୟୁମ୍ନ ରଥ ସାରଙ୍ଗଧରଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ଅବନୀ ମିଶ୍ର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦେବୀ ପ୍ରସାଦ ମିଶ୍ର ଓ ଅବସରପ୍ରାପ୍ତ କଲେଜ୍ ଅଧକ୍ଷ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଏଥିରେ ଯୋଗଦାନ କରି ସାରଙ୍ଗଧରଙ୍କୁ ପୁଷ୍ପ ଅର୍ଘ୍ୟ ପ୍ରଦାନ କରିଥିଲେ । ''ସାରଙ୍ଗଧର ଦାସ-ଅମର୍ ରହେ'' ଧ୍ୱନୀ ସଭ୍ୟମାନେ ଦେଇଥିଲେ । ହରେକୃଷ୍ଣପୁର ଗ୍ରାମରେ ସାରଙ୍ଗଧର ଦାସ ଟ୍ରଷ୍ଟ ବୋର୍ଡର ସଭ୍ୟ ହରିଶ୍ ଚନ୍ଦ୍ର ଦାସ ୬୮ତମ ଶ୍ରାଦ୍ଧ ଉପଲକ୍ଷେ ସ୍ୱର୍ଗତ ସାରଙ୍ଗଧର ଦାସଙ୍କୁ ପିଣ୍ଡଦାନ କରିବା ସହ ଉପସ୍ଥିତ ସମସ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରିଥିଲେ । ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ ସଭା ମଧ୍ୟ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ହୋଇଥିଲା ।

# ଭାଲୁମୁଣ୍ଡା ରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

**ବଙ୍ଗୋମୁଣ୍ଡା,୨୧।୯:(ମନ୍ଥନ)**ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭାଲୁମୁଣ୍ଡା ଗଙ୍ଗାଧର ମେହେର ଧର୍ମଶାଳା ଠାରେ ଆଜି ଭାଲୁମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସିଂଧେକେଲା ତରଫରୁ ସୁସ୍ଥ ନାରୀ ସଶକ୍ତ ପରିବାର ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବଙ୍ଗୋମୁଣ୍ଡା ଅଞ୍ଚଳର ୨ ଶହ ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସିଥିଲେ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଭାଲୁମୁଣ୍ଡା ସରପଞ୍ଚ ରଞ୍ଜିତା ମେହେର, ଭାଲୁମୁଣ୍ଡା ସମିତି ସଭ୍ୟ ପ୍ରତିନିଧି ଶ୍ୟାମ ସୁନ୍ଦର ସାହୁ,ତୁରେକେଲା ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ବେହେରା, ତୁରେକେଲା ସମିତି ସଭ୍ୟ ମୁରଲୀଧର କୁମ୍ଭାର, ସିଂଧେକେଲା ମେଡ଼ିକାଲ ଇନଚାର୍ଜ ଜୟନ୍ତ କୁମାର ବାଗ ଉପସ୍ଥିତ ରହି ରୋଗୀ ମାନଙ୍କୁ ଆରୋଗ୍ୟ କାମନା କରିଥିଲେ। ରୋଗୀ ଦେଖିବା ପାଇଁ ମେଡ଼ିସିନ ଇପ୍ସିତା ପ୍ରିୟଦର୍ଶିନି ଦାସ , ଦାନ୍ତ ଚିକିତ୍ସା ରେ ଡ଼ଃ ସୁଜିତ ସେନାପତି , ସର୍ଜରି ବିଶେଷଜ୍ଞ ବିଶ୍ୱଜିତ ଖୁଣ୍ଟିଆ । ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ । ରୋଗୀ ଦେଖିବା ସମୟରେ ଭାଲୁମୁଣ୍ଡା ଡ଼ଃ ମିଶ୍ର , ଫାର୍ମାସିଷ୍ଟ ଚମ୍ପେଶ୍ୱର ମେହେର , ଚନ୍ଦ୍ରକାନ୍ତ ସୁନାନୀ, ଏଏନମ ସ୍ୱର୍ଣ୍ଣ ସାହୁ ତଥା ଅଞ୍ଚଳ ର ବହୁ ଆଶକର୍ମୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନ୍ୟାୟ ନମିଳିଲେ ଆତ୍ମାହୁତି ଦେବେ ୨ଦଳିତ ମହିଳା

**କେନ୍ଦ୍ରାପଡ଼ା,୨୧।୯:(ମନ୍ଥନ)**ନ୍ୟାୟ ନ ମିଳିଲେ କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ସମ୍ମୁଖରେ ଆତ୍ମାହୁତି ଦେବେ ଦୁଇ ଦଳିତ ମହିଳା। ନ୍ୟାୟ ପାଇଁ ଥାନା, ଜିଲ୍ଲାପାଳ, ଏସ୍‌ପି, ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଗୁହାରି କରିଛନ୍ତି। ହେଲେ ମହିଳା ଦ୍ୱୟଙ୍କୁ ଅଦ୍ୟାବଧି ନ୍ୟାୟ ମିଳିନାହିଁ। ତେଣୁ ସେମାନେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସି ରହିଛନ୍ତି। ତଥାପି ଉଭୟ ମହିଳାଙ୍କୁ ନ୍ୟାୟ ମିଳୁନାହିଁ। ତେଣୁ ଉଭୟ କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେବେ ବୋଲି ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି। ଝରଣା ମଲ୍ଲିକ ଓ ମଲ୍ଲୀ ମଲ୍ଲିକ କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଥାନା ପୋଲିସ ସେମାନଙ୍କୁ ନିର୍ଯ୍ୟାତନା ଦେଉଛି। ସେମାନଙ୍କୁ ଆକ୍ରମଣ କରିଥିବା ଏହି ଥାନା ଅଧିନ ପେଗରପଡା ଗ୍ରାମର ଦୁଇ ଅଭିଯୁକ୍ତ ସୁମନ୍ତ ମଲ୍ଲିକ ଓ ନିରଞ୍ଜନ ମଲ୍ଲିକଙ୍କୁ ପୋଲିସ ଗିରଫ କରୁନାହିଁ। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛି। ଫଳରେ ଅଭିଯୁକ୍ତମାନେ ମାମଲା ଉଠାଇ ନେବା ପାଇଁ ଅଭିଯୋଗକାରୀଙ୍କୁ ଧମକ ଦେଉଛନ୍ତି। ଥାନାରୁ ମାମଲା ନ ଉଠାଇଲେ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏହା ପ୍ରତିବାଦରେ ସେମାନେ ଗୁରୁବାର ସକାଳୁ ଅହୋରାତ୍ର ଆମରଣ ଅନଶନରେ ବସିଛନ୍ତି। କିନ୍ତୁ ସେମାନଙ୍କୁ ନ୍ୟାୟ ମିଳୁନାହିଁ। ଅଭିଯୁକ୍ତମାନଙ୍କୁ ରାଜକନିକା ଥାନା ପୋଲିସ ଗିରଫ କରୁନାହିଁ। ଯଦି ସେମାନଙ୍କୁ ରାଜକନିକା ଥାନା ପୋଲିସ ଗିରଫ ନ କରେ କି ଏସ୍‌ପି ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଉ ଥିବା ରାଜକନିକା ଥାନାଧିକାରୀ ସଞ୍ଜୟ ମଲ୍ଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ମହିଳାଦ୍ୱୟ ଏସ୍‌ପି ଅଫିସ ସମ୍ମୁଖରେ ଆତ୍ମଦାହ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ରାଜକନିକା ଥାନା ଅଧିନ ପେଗରପଡା ଗ୍ରାମର ଝରଣା ମଲ୍ଲିକ କହିଛନ୍ତି ସେ ଉକ୍ତ ଗ୍ରାମର ମଲ୍ଲୀ ମଲ୍ଲିକଙ୍କ କେବିନକୁ ଭଡ଼ାରେ ନେଇ ପାନ ଦୋକାନ କରିଥିଲେ। ମଲ୍ଲୀଙ୍କୁ କେବିନ ବାବଦରେ ଭଡ଼ା ଦେଉଥିଲେ ଓ ନିଜେ ଦୋକାନରୁ ଯାହା ଲାଭ କରୁଥିଲେ ପାଖରେ ରଖୁଥିଲେ। ଫଳରେ ଉଭୟ ମହିଳାଙ୍କ ପରିବାର ପାଇଁ ଏହି କେବିନ୍ ଆଶାବାଡି ଥିଲା। ହେଲେ ଗତ ଜୁଲାଇ ମାସ ୨୫ ତାରିଖରେ ପେଗରପଡା ଗ୍ରାମର ସୁମନ୍ତ ମଲ୍ଲିକ ଓ ନିରଞ୍ଜନ ମଲ୍ଲିକ ଏହି ଦୋକାନରୁ ଚୋରି କରି ସମସ୍ତ ସାମଗ୍ରୀ ନେଇଗଲେ। ଏ ନେଇ ଝରଣା ଥାନାରେ ଏତଲା ଦେଲେ। ହେଲେ ପୋଲିସ ଏହାକୁ ହାଲୁକା ଭାବେ ଗ୍ରହଣ କଲା। ଅପରପକ୍ଷରେ ଏହି ମାମଲାରେ ଥାନାରେ ସାକ୍ଷୀ ଦେଇଥିବା ଅଶ୍ୱିନୀ ବାରିକଙ୍କୁ ଆକ୍ରମଣ କରାଗଲା। ଏଥିରେ ଅଶ୍ୱିନୀ ଗୁରୁତର ହେଲେ। ସେ ମଧ୍ୟ ଏ ନେଇ ଥାନାରେ ଏତଲା ଦେଲେ। ହେଲେ ତାଙ୍କ ଏତଲାକୁ ମଧ୍ୟ ଥାନାଧିକାରୀ ଗୁରୁତ୍ୱ ଦେଲେ ନାହିଁ। ପୋଲିସ ଝରଣା ମଲ୍ଲିକ ଓ ମଲ୍ଲୀ ମଲ୍ଲିକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କଲା। ଯାହା ଫଳରେ ଅଭିଯୁକ୍ତଦ୍ୱୟ ପୋଲସ ଠାରୁ ସାହସ ପାଇ ଝରଣା ମଲ୍ଲିକଙ୍କ କେବିନ୍ ଆଗରେ କଣ୍ଟାବାଡ଼ ବୁଲାଇ ଦେଲେ। ଏହାଦ୍ୱାରା ଦୁଇ ମହିଳା ସେମାନଙ୍କ ଜୀବିକା ହରାଇଲେ। ବିଜେପି ନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱରେ ଝରଣା ମଲ୍ଲିକ, ମଲ୍ଲୀ ମଲ୍ଲିକ ଓ କେତେକ ଗ୍ରାମବାସୀ ଏସ୍‌ପି ଅଫିସ ସମ୍ମୁଖରେ ଅହୋରାତ୍ର ଅନଶନରେ ବସିରହିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ପଚାରିବାରୁ ସେ କହିଲେ ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ଅନଶନ କରିବା ପାଇଁ। ସେମାନେ ଯେଉଁ ଅଭିଯୋଗ କରିଛନ୍ତି ତାହାର ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଏସ୍‌ପି ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବଗଡା ପଞ୍ଚାୟତରେ ବରିଷ୍ଠାଗରିକ ମଞ୍ଚର ଚାରାରୋପଣ

**କେନ୍ଦ୍ରାପଡ଼ା,୨୧।୯:(ମନ୍ଥନ)**ପ୍ରଧାନମନ୍ତ୍ରୀ ପି.ଦାମୋଦର ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ଗ୍ରାମପଞ୍ଚାୟତର ବରିଷ୍ଠ ନାଗରିକ ମଞ୍ଚ ଓ ଗ୍ରାମପଞ୍ଚାୟତର ମିଳିତ ପ୍ରଚେଷ୍ଟାରେ ଏକ ଚାରାବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ ବ୍ରଜକିଶୋର ବିଶ୍ୱାଳ ଓ ସରପଞ୍ଚ ସୁବନି ସାହୁ ଗୋଟିଏ ଗୋଟିଏ ବୃକ୍ଷର ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



ଏହି ଚାରାରୋପଣ କାର୍ଯ୍ୟକ୍ରମ ସିଦ୍ଧମରିଚାଣୀ ସରକାରୀ ବିଦ୍ୟାପୀଠ ଓ ସିଦ୍ଧମରିଚାଣୀ ମନ୍ଦିର ପରିସର, ତୁଣ୍ଡୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ କଟେରୀପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ କୈଳାସ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ନିହାରରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ କୁମୁଦରଞ୍ଜନ ରଥ,ଉପସଭାପତି କ୍ଷୀରୋଦ ପଣ୍ଡା, ସହସମ୍ପାଦକ ନାରାୟଣ ପଣ୍ଡା, ପତ୍ରିକା ସମ୍ପାଦକ ରବୀନ୍ଦ୍ର କୁମାର ଜେନା, ଉପମୁଖ୍ୟ ଉପଦେଷ୍ଟା ଫକୀର ଚରଣ ଓଝା, ଉପଦେଷ୍ଟା ସୁରେଶଚନ୍ଦ୍ର ସାହୁ, ଧରଣୀଧର ପାତ୍ର, ପଦ୍ମଚରଣ ସାହୁ, ନାରାୟଣ ଜେନା, ବନମାଳୀ ପାତ୍ର, ରବି ପାତ୍ର, ଗୋପିନାଥ ସ୍ୱାଇଁ, ତ୍ରିଭୁବନ ସାହୁ, ପ୍ରଫୁଲ୍ଲ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ନାୟକ, ସୁବୁଦ୍ଧି ଚନ୍ଦ୍ର ସାହୁ ଓ କ୍ଷୀରୋଦ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ।



# କପିଳାଭଟାରେ ଧାନମଣ୍ଡି ସ୍ଥାପନ ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

ବଙ୍ଗୋମୁଣ୍ଡା,୨୧।୯:(ମନ୍ଥନ) ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ପଞ୍ଚାୟତ ହେଡ଼କ୍ୱାଟର ଠାରେ କୃଷି ସମବାୟ ସମିତି ଲିଃ କାର୍ଯ୍ୟାଳୟ (ଧାନମଣ୍ଡି ) ସ୍ଥାପନ ପାଇଁ ଆଜି ବଙ୍ଗୋମୁଣ୍ଡା ତହସିଲଦାର ଙ୍କ କାର୍ଯ୍ୟାଳୟ ର ଦ୍ୱାରସ୍ଥ ହୋଇ ଅଞ୍ଚଳବାସୀ ମାନେ ଦାବି କରିଛନ୍ତି । ବିଭିନ୍ନ ସମୟ ରେ ବିଭାଗୀୟ ଅଧିକାରୀ ଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି ହେଲେ ପ୍ରତିଶ୍ରୁତି ପାଣି ର ଗାର ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି ।୨୦୨୨ ମସିହା ରେ ପ୍ୟାକ୍ସ ପାଇଁ କମିଟି ଗଠନ କରାଯାଇଛି ହେଲେ ଆଜି ପର୍ଯ୍ୟନ୍ତ ପ୍ୟାକ୍ସ ହୋଇ ନ ଥିବା ଯୋଗୁଁ ଚାଷୀ ମାନେ ୟୁରିଆ । ସାର ପାଇଁ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ବଲାଙ୍ଗୀର ଜିଲ୍ଲା ର ଶେଷ ସୀମା ରେ ଥିବା କପିଳାଭଟା ପଞ୍ଚାୟତ ରେ ସ୍ଥାପନ କଲେ ନିକଟସ୍ଥ ପଂଚାୟତ ର ବିଭିନ୍ନ ଗାଁ ର ଚାଷୀ ଭାଇ ମାନେ ସୁବିଧା ରେ ନିଜ ଉପାର୍ଜନ ଧାନ



କୁ ବିକ୍ରି କରି ପାରିବେ ବୋଲି ଆଶା କରିଛନ୍ତି । ଅଞ୍ଚଳ ର ଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ଚୁଲିଫୁଙ୍କା ପ୍ୟାକ୍ସ କୁ ଯାଇ ଖର୍ଚ୍ଚାନ୍ତ ହେବା ସହ ସେଠାରେ ଦିନ ରାତି ରହି ଚାଷୀ ମାନେ ବହୁ ଅସୁବିଧା ର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ତୁରନ୍ତ କପିଳାଭଟା ପଞ୍ଚାୟତ ହେଡ଼କ୍ୱାଟର ଠାରେ କୃଷି ସମବାୟ ସମିତି ଲିଃ କାର୍ଯ୍ୟାଳୟ ( ଧାନମଣ୍ଡି ) ସ୍ଥାପନ ପାଇଁ କପିଳାଭଟା ଗ୍ରାମପଞ୍ଚାୟତ ର ସମିତିସଭ୍ୟ କେଦାର ଭୋଇ ଙ୍କ ନେତୃତ୍ୱରେ ମାଁ ସାହାଜି ଯୁବକ ସଂଘ ର ସମ୍ପାଦକ ହୁଲେଶ୍ୱର ହଂସ,ଯୁବନେତା ଧର୍ମେନ୍ଦ୍ର ଦାସ ଙ୍କ ସହ ଅଞ୍ଚଳବାସୀ ମାନେ ସାମିଲ ହୋଇଥିଲେ । ତୁରନ୍ତ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେଲେ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ମାନେ ଚେତାବନୀ ଦେଇଛନ୍ତି ।

# ରାଜସ୍ୱ ବିଭାଗକୁ ଚକମା ସରକାର ଜମିରେ ତିଆରି କୋଠା ଲକ୍ଷାଧିକ ଟଙ୍କାରେ ବିକ୍ରି

କୋରାପୁଟ,୨୧।୯:(ମନ୍ଥନ)ସରକାରି ଜମିରେ ନିର୍ମାଣ କରାଯାଇଥିବା କୋଠାକୁ ଲକ୍ଷାଧିକ ଟଙ୍କାରେ କିଣା ବିକା କରାଯାଇଥିବା କଥା ରାଜସ୍ୱ ବିଭାଗକୁ ଚକମା ଦିଆଯାଇଥିବା ନେଇ ଏକ ଆଲୋଚନାର ବିଷୟ ପାଲଟିଛି । ଘଟଣା ସୁନାବେଡା ଏଇଏଫ ଦୈନିକ ମାର୍କେଟ ର ବଜାରରେ ନିର୍ମିତ ହୋଇ ରହିଥିବା କୋଠା ଲକ୍ଷାଧିକ ଟଙ୍କାରେ ରାତି ଅଧିଆ କିଣା ବିକା କରାଯାଇଥିବା ଚର୍ଚ୍ଚା ଜୋର ଧରିଛି ।କୋରାପୁଟ ଜିଲ୍ଲା ସେମିଳିଗୁଡା ତହସିଲ ଅ'ର୍ଗତ ସୁନାବେଡା ମୌଜାରେ ଏଇଏଫ ଦୈନିକ ମାର୍କେଟ ରହିଛି । ଏହି ତହସିଲର ସରକାରି ଜମିକୁ ସୁନାବେଡା ଅଂଚଳରେ କିଣା ବିକା କରିବାରେ ବେଶ ଚର୍ଚ୍ଚା ବିଷୟ ପାଲଟିଥିବା ବେଳେ ବର୍ତ୍ତମାନ କୋଠା ବିକ୍ରି ହୋଇଥିବା ନେଇ ତାହା ରାଜସ୍ୱ ବିଭାଗକୁ ଚକମା ଦିଆଯାଇଥିବା ପରି ସମାଲୋଚନା ହେଉଛି । ଏହିପରି ଚାଲିଥିବା ଘଟଣାରେ ରାଜସ୍ୱ ବିଭାଗଙ୍କ ଘୋଷଣା ନାମା କେତେ ଦୂର କାର୍ଯ୍ୟକାରି ହେବ ତାହା ଏକ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଏହିଘଟଣା ଜମି କଳାବଜାରି ମାନଙ୍କ ପାଇଁ ଏକ ମାଧ୍ୟମ ହେବାର ସମ୍ଭାବନା ହୋଇପାରେ ବୋଲି ମତ ପ୍ରକାଶ ପାଇଛି ।ଏହି ବିଷୟ ନେଇ ସ୍ଥାନୀୟ ତହସିଲଦାର ଙ୍କୁ ଯୋଗାଯୋଗ କରିଥିଲୁ କିଁନ୍ତୁ ତାହା ସମ୍ଭବ ହୋଇ ପାରି ନଥିଲା, ଯେହେତୁ ଘଟଣାର ସାମ୍ଭାବ୍ୟ ଉତର ମିଳିପାରି ନଥିଲା ।

# ଇଞ୍ଜିନିୟରିଂ ସ୍କୁଲରେ ଏକ ପେଡ୍ ମାଁ, କେ ନାମ ଅଭିଯାନ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୧।୯:(ମନ୍ଥନ)ଦେଶର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା ଏକ ନୂତନ ଅଭିଯାନ ଏକ ପେଡ୍ ମାଁ, କେ ନାମ ରାଷ୍ଟ୍ରବ୍ୟାପୀ ଅଭିଯାନର ଅଂଶ ଭାବେ ପାଳନ କରାଯାଉଥିବା ବେଳେ, ବ୍ରହ୍ମପୁର ୟୁସିପି ଇଞ୍ଜିନିୟରିଂ ସ୍କୁଲ ଦ୍ୱାରା ମଧ୍ୟ ଏହି ଅଭିଯାନକୁ ପାଳନ କରାଯାଇଛି । ଏନ୍ ସି ସି ବ୍ୟାଟାଲିଅନ୍ ୧୦(ଓ) ବ୍ରହ୍ମପୁରଙ୍କ ମିଳିତ ପ୍ରୟାସରେ ବୁଧବାର ଆୟୋଜିତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍କୁଲର ଅଧ୍ୟକ୍ଷ ସତ୍ୟ ଶଙ୍କର ରାଜ, ବରିଷ୍ଠ ଅଧ୍ୟାପକ ପ୍ରକାଶ ସେଠୀ, ୱାଇ. କେ. ମହାନ୍ତ, ସତ୍ୟ ନାରାୟଣ ତ୍ରିପାଠୀ ଓ ଶିବାଶିଷ୍ ମହାପାତ୍ରଙ୍କ ସମେତ ଅତିଥି ରୂପେ ନାଇବ ସୁବେଦାର, ଅଶୋକ ସେଠୀ ଓ ସେନା କର୍ମଚାରୀ ବଂଶ ଶର୍ମା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଗହଣରେ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ଅତିଥି ମାନେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପରିବେଶ ସୁରକ୍ଷାରେ ବୃକ୍ଷ ରୋପଣର ଗୁରୁତ୍ୱ, ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ଗଛର ଭୂମିକା ଓ ଅଭିଯାନର ମୂଳମନ୍ତ୍ର ମା'ଙ୍କ ସମ୍ମାନ ବିଷୟରେ ବିଭିନ୍ନ ବାର୍ତ୍ତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୪୫ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଯାହା ମଧ୍ୟରୁ ୨୨ଜଣ ଏନ୍ ସି ସି କ୍ୟାଡେଟ୍ ମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ପ୍ରାୟ ଶହେଟି ଚାରା ବିଦ୍ୟାଳୟ ପରିସରରେ ରୋପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ଶେଷରେ ଛାତ୍ରମାନେ ଓ କ୍ୟାଡେଟ୍ ମାନେ ରୋପିଥିବା ଚାରା ଗୁଡିକୁ ସୁରକ୍ଷା କରିବା ସହିତ ସମାଜରେ ପରିବେଶ ସୁରକ୍ଷା ବାବଦରେ ସଚେତନତା ସୃଷ୍ଟି କରିବାର ସଙ୍କଳ୍ପ ନେଇଥିଲେ ।

# ପାରାଦୀପରେ ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମ

ପାରାଦୀପ,୨୧।୯:(ମନ୍ଥନ) ଦେଶବ୍ୟାପି ସାମୁଦ୍ରିକ କ୍ଷେତ୍ରର ରୂପାନ୍ତରଣ ପାଇଁ ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୪,୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଉଦଘାଟନ କରିଛନ୍ତି । ଗୁଜୁରାଟର ଭାବନଗରଠାରେ ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶାର ପାରାଦୀପ ବନ୍ଦରର ଦକ୍ଷିଣ କଣ୍ଟେନର ବର୍ଥ, ସାଉଥ କ୍ୱେର ଯାନ୍ତ୍ରୀକିକରଣ, ବହୁମୁଖୀ ପଣ୍ୟବର୍ଥର ଯାନ୍ତ୍ରୀକିକରଣ, ଉତ୍ତର ଡକ୍ କମ୍ପ୍ଲେକ୍ସ-୩ ଅର୍ନ୍ତଭୁକ୍ତ । ଏହି ଅବସରରେ ପାରାଦୀପ ବନ୍ଦର ଜୟଦେବ ସଦନ ପରିସରରେ ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ । ଭାବନଗରଠାରେ ଅନୁଷ୍ଠିତ ହେଉଥିବା ଟ୍ରାନଫରମିଂ ମେରିଟାଇମ୍




ସେକ୍ଟର କନକ୍ଲେଭରେ ଶୁକ୍ରବାର ଦିନ ଗଂଜାମ ଜିଲ୍ଲାର ବାହୁଦ ମୁହାଣଠାରେ ଏକ ବନ୍ଦର ନିର୍ମାଣ ନିମନ୍ତେ ଏକ ତ୍ରିପାକ୍ଷୀକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଓଡିଶା ସାମୁଦ୍ରିକ ବୋର୍ଡ ଓ ଭାରତ ସରକାରଙ୍କ ସାଗରମାଳା ଫାଇନାନ୍ସ କର୍ପୋରେସନ ଲିମିଟେଡ୍ ମଧ୍ୟରେ ଏହି ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ୫୦୦୫ ଏକର ଲୁଣା ଜମିରେ ଏହି ବନ୍ଦର ପାରାଦୀପ ବନ୍ଦରର ସାଟେଲାଇଟ୍ ବନ୍ଦର ହେବ । ଏହି ବନ୍ଦରରେ ବାର୍ଷିକ ୧୫୦ ଏମଏମଟି ପଣ୍ୟକାରବାର ହେବାର ଲକ୍ଷ୍ୟ ରଖାଯାଇଛି । ଏଥି ସହିତ, କେନ୍ଦ୍ରାପଡା ଜିଲ୍ଲାରେ ଜାହାଜ ନିର୍ମାଣ କ୍ଲଷ୍ଟର ନିର୍ମାଣ ନିମନ୍ତେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏବଂ ଓଡିଶା ସାମୁଦ୍ରିକ ବୋର୍ଡ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ମହାନଦୀ ଅବବାହିକାରେ ପ୍ରସ୍ତାବିତ ଏହି କ୍ଲଷ୍ଟରରେ ୧ ନିୟୁତ ଟନ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ଜାହାଜ ନିର୍ମାଣ ହେବା ସହିତ ଦୁଇରୁ ଅଢେଇ ଏକର ଜମିରେ ଜାହାଜ ଇଂଜିନ୍ ନିର୍ମାଣ କରାଯିବ । ଏଥି ସହିତ ଷ୍ଟିଲ ଫେବ୍ରିକେସନ୍, ଉପକରଣ ନିର୍ମାଣ କାରଖାନା, ପ୍ରଶାସନିକ କାର୍ଯ୍ୟାଳୟ, ତାଲିମ କେନ୍ଦ୍ର, ଗବେଷଣା କେନ୍ଦ୍ର ନିର୍ମାଣ ହେବ । ଏହି ଯୋଜନା କାର୍ଯ୍ୟକ୍ଷମ ହେଲେ ଜାହାଜ ନିର୍ମାଣ କ୍ଷେତ୍ରରେ ଓଡିଶା ବିଶ୍ୱସ୍ତରୀୟ କେନ୍ଦ୍ର ହୋଇ ପାରିବ । ରାଜ୍ୟ ଶିଳ୍ପ ଅଭିବୃଦ୍ଧି ଓ ଅଂଚଳର ବିକାଶ ହୋଇପାରିବ । ପାରାଦୀପ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ, ମୁଖ୍ୟ ଯାତାୟତ ପ୍ରବନ୍ଧକ ଜି.ଏଡିସନ୍‌ଙ୍କ ସମେତ ନଗରପାଳ ବସନ୍ତ ବିଶ୍ୱାଳ,ପାରିଷଦ ସୁବ୍ରତ କୁମାର ପ୍ରଧାନ, ବିଧାୟକଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ପ୍ରମୁଖ ଯୋଗ ଦେଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳମାର୍ଗ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

# ମୁଖ୍ୟ ସଡକରେ ବିପଦଜ୍ଜନକ ଗର୍ତ୍ତ, ପ୍ରତିକାର ଦାବି

ବୁଗୁଡ଼ା,୨୧।୯:(ମନ୍ଥନ)ବୁଗୁଡ଼ା-ପୋଲସରା ମୁଖ୍ୟ ସଡକର ଗୋଳିଆ । ବ୍ରିଜ୍ ନିକଟ ଭୂତବନ୍ଧ ସମ୍ମୁଖ ରାସ୍ତାରେ ଥିବା ଗର୍ତ୍ତ ଅନେକ ଦୁର୍ଘଟଣାର କାରଣ ପାଲଟିଛି । ବିଶେଷକରି ରାତିରେ ଗୋଳିଆ । ଅଭିମୁଖେ ଯାଉଥିବା ଯାନବାହାନ ଚାଳକ ଏହି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ତେଣୁ



ଦୁର୍ଘଟଣାକୁ ଏଡାଇବା ପାଇଁ ଏହାର ଅସ୍ଥାୟୀ ପ୍ରତିକାର ଭାବେ ଲୋକେ ସେହି ଗର୍ତ୍ତରେ ଲାଲ ପତାକା ପୋତିଛନ୍ତି । ତେବେ ସ୍ଥାନୀୟ ପୂର୍ତ୍ତ ବିଭାଗର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିପଦଜ୍ଜନକ ଗର୍ତ୍ତ ଯୋଗୁଁ ସୃଷ୍ଟ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ସାଧାରଣରେ ଦାବି ହେଉଛି ।

# ଜମୁଛି ପାରାଦୀପ ବିଶ୍ୱକର୍ମା ପୂଜା

ପାରାଦୀପ,୨୧।୯:(ମନ୍ଥନ)ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜାର ଭିଡ ପ୍ରତିଦିନ ବଢିବାରେ ଲାଗିଛି । ପ୍ରତ୍ୟେକ ଦିନ ପାଖାପାଖି ୪୦ରୁ୫୦ ହଜାର ଦର୍ଶକଙ୍କ ଭିଡ ଦେଖିବାକୁ ମିଳୁଛି । ଏହି ଭିଡ ଭିତରେ ସୁନାଚେନ୍ ଓ ମୋବାଇଲ୍ ଲୁଟେରା ବେଶ୍ ସକ୍ରିୟ ହୋଇ ପଡିଛନ୍ତି । ଶୁକ୍ରବାର ଦିନ ଶତାଧିକ ଲୋକଙ୍କ ମୋବାଇଲ୍ ଚୋରୀ ହୋଇଥିବା ବେଳେ ସୁନାଚେନ୍ ଓ ଭ୍ୟାନିଟ୍ ବ୍ୟାଗରୁ ଟଙ୍କା ଲୁଟି ନେବାରେ ଲୁଟେରାମାନେ ସଫଳ ହେଉଛନ୍ତି । ପୂଜା ମଣ୍ଡପ ମଧ୍ୟକୁ କଟକଣା ଲଗାଇ ବ୍ୟାପକ ପୋଲିସ୍ ମୁତୟନ ହୋଇଥିବାର ସୁଯୋଗ ନେଇ ଅସମ୍ଭବ ଭିଡ ଭିତରେ ଲୁଟେରାମାନେ ଲୁଟ୍ କରି ଚାଲିଯାଉଛନ୍ତି । ଯଦି ଭିତଡ ଭିତରେ ସାଧା ପୋଷାକରେ ପୋଲିସ୍ ମୁତୟନ ହୁଅନ୍ତେ ଲୁଟେରାମାନେ ଅନାୟସରେ ଧରା ପଡି ଯାଆନ୍ତେ। ଅପରପକ୍ଷରେ ପୂଜା ମଣ୍ଡପ ଗୁଡିକ ପକ୍ଷରୁ ପୂଜାକୁ ରଙ୍ଗାରଙ୍ଗ କରିବା ପାଇଁ ନାମୀଦାମୀ କଳାକାରମାନଙ୍କୁ ଆଣି ମ୍ୟୁଜିକାଲ୍ ନାଇଟ୍ କରୁଛନ୍ତି । ଶୁକ୍ରବାର ଦିନ ବିବିଏମଏସ୍ ପକ୍ଷରୁ ଓଡିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ସୁବାଶିଷ ମହାକୁଳଙ୍କୁ ଆଣିଥିବା ବେଳେ ପାରାଦୀପ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବଲିଉଡ୍‌ର ସୁନାମଧନ୍ୟ କଣ୍ଠଶିଳ୍ପୀ ଅଲତାଫ ରାଜାଙ୍କୁ ଆଣି ମ୍ୟୁଜିକାଲ୍ ନାଇଟ୍ ପରିବେଶଣ କରିଥିଲେ । ଓଡିଆ କଣ୍ଠଶିଳ୍ପୀଙ୍କ କାର୍ଯ୍ୟକ୍ରମ ଦେଖିବାକୁ ଖଚାଖଚ୍ ଭିଡ ହୋଇଥିବା ବେଳେ ଅଲତାଫ ରାଜାଙ୍କ କାର୍ଯ୍ୟକ୍ରମ ଫାଙ୍କା ପଡିଥିଲା । ଲୋକେ କହୁଥିଲେ ଓଡିଆ କଣ୍ଠଶିଳ୍ପୀଙ୍କ ଆଗରେ ବମ୍ବେ କଣ୍ଠଶିଳ୍ପୀ ଅଲତାଫ ରାଜା ଫିକା ପଡି ଯାଇଥିଲେ । ଅପରପକ୍ଷରେ ପାରାଦୀପ ଟ୍ରକ୍ ମାଲିକ ସଂଘ, ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ଓ ମତ୍ସ୍ୟ ଉତ୍ପାଦକ ସଂଘର ମେଢ ମଧ୍ୟକୁ ପ୍ରବେଶ କରିବା ଓ ଫେରିବା ବେଳକୁ ଲୋକମାନେ ହଇରାଣ ହେଉଥିବାର ଦେଖିବାକୁ ମିଳୁଛି । ଫୁଟପାଥ୍ ଉପରେ ଚଢି ମେଢ ଦେଖିବା ଓ ମେଢ ଦେଖି ସାରି ଫେରିବା ସମୟରେ କୌଣସି ଫୁଟ୍‌ପାଥ ତଳ ମଧ୍ୟରେ ବହୁତ ନିଚ୍ଚା ଥିବାରୁ ବୟସ୍କ, ମହିଳା ଓ ପିଲାମାନେ ଗଳି ପଡୁଛନ୍ତି । ଆୟୋଜକମାନେ ଦର୍ଶକମାନଙ୍କ ନିମନ୍ତେ ସହଜ ଦର୍ଶନ ନିମନ୍ତେ ସାମାନ୍ୟ ବାଲିବସ୍ତା ପକାଇବାର ବନ୍ଦୋବସ୍ତ କରୁ ନାହାନ୍ତି । ଯାହାକୁ ଦର୍ଶକମାନେ ନିନ୍ଦା କରୁଥିବା ଦେଖିବାକୁ ମିଳୁଛି ।

# ରାଣୀଗଡା ଠାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ସଭା

ଯାଜପୁର,୨୧।୯:(ମନ୍ଥନ)ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଙ୍କ ନିର୍ଦ୍ଦେଶ କ୍ରମେ କୋରାଇ ବ୍ଲକ୍ କରଦା ଗ୍ରାମପଂଚାୟତ ଅନ୍ତର୍ଗତ ରାଣୀଗଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚୀବ ଶ୍ରୀମତୀ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅତିଥି ଆଲୋଚକ ଭାବେ ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ସ୍ମୃତି ରଞ୍ଜନ ପଣ୍ଡା ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ଼ ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଦେଶାନ୍ତରି ଓ ଦାଦନ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ତାର ସମାଧାନ , ସଂଗଠିତ ଏବଂ ଅଣ ସଂଗଠିତ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ସରକାରୀ ଯୋଜନା ସମ୍ପର୍କିତ ଆଲୋଚନା ସହିତ ସମାଜିକ ଗଣମାଧମ ମଂଚ ବ୍ୟବହାର ଜନିତ ଉପକାର ଅପକାର ଓ ପ୍ରତିକାର ଏବଂ ସାଇବର ଆଇନ୍ ତାର ପ୍ରୟୋଗ ଆଦି ବିଷୟ ରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଜିଲ୍ଲା ଶ୍ରମ ବିଭାଗ ତରଫରୁ ୧୫ ଜଣ ଶ୍ରମିକ ଙ୍କୁ ପଞ୍ଜିକୃତ ନୂତନ ପରିଚୟ ପତ୍ର ସଚୀବ ଶ୍ରୀମତୀ ମହାନ୍ତି ବଂଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାଇ ବ୍ଲକ୍ ସହକାରୀ ଯନ୍ତ୍ରୀ ନଳିନକାନ୍ତ ଚକ୍ର ଓ ସ୍ଥାନୀୟ ଆରକ୍ଷୀ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ର କର୍ମଚାରୀ ବିଦ୍ୟାଳୟ ଶିକ୍ଷକ ପାଖ ଗାଁ ର ଯୁବ ଗୋଷ୍ଠି ସହଯୋଗ କରିଥିଲେ ।

# ସେବାପର୍ବ -୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା

କେନ୍ଦ୍ରାପଡ଼ା,୨୧।୯:(ମନ୍ଥନ)ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୁଲ୍ୟରେ 'ସେବାପର୍ବ- ୨୦୨୫' ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ତଥା ଚିତ୍ରାଙ୍କନ ପ୍ରତିଯୋଗିତା ବୃତ୍ତିଗତ ଚିତ୍ରକରମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସଦର ମହକୁମାସ୍ଥିତ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅୟୋଜିତ ହୋଇଯାଇଛି । 'ବିକଶିତ ଭାରତ-୨୦୪୭' ଶୀର୍ଷକରେ ଅୟୋଜିତ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ଚିତ୍ରକରମାନେ ରଙ୍ଗ ତୁଳୀ ମାଧ୍ୟମରେ ନିଜ ସୃଜନଶୀଳତା ଏବଂ ପ୍ରତିଭା ପ୍ରଦର୍ଶନ କରାଇଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାର ଚିତ୍ରକର



ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ରଘୁନାଥ ବେହେରା ବିଚାରକ ହିସାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିବା ସହିତ ଭବିଷ୍ୟତରେ କିପରି ନିଜର ସୃଜନଶୀଳତାକୁ ଆହୁରି ଦୃଢ କରିପାରିବେ ସେ ଉପରେ ବକ୍ତବ୍ୟ ରଖିଥିଲେ । ବୃତ୍ତିଗତ ଚିତ୍ରକର ବର୍ଗରେ ଶତାବ୍ଦୀ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରଭଞ୍ଜନ ପଣ୍ଡା ଏବଂ ମହେଶ୍ୱର ଦାସ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିତ୍ରକରମାନଙ୍କର ଚିତ୍ର ଆସନ୍ତା ୨୮ ସେପ୍ଟେମ୍ବରରେ ଅୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କର୍ମଶାଳାରେ ପ୍ରଦର୍ଶିତ ହେବ । ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

# ଗ୍ରାଚ୍ୟୁଇଟି ପାଇବେ ପୂର୍ତ୍ତ ବିଭାଗର ୱାର୍କଚାର୍ଜଡ଼ କର୍ମଚାରୀ

ଭୁବନେଶ୍ୱର, ୨୧।୯:(ମନ୍ଥନ) ବହୁ ବର୍ଷର ବ୍ୟବଧାନ ପରେ ପୂର୍ତ୍ତ ବିଭାଗର ଗ୍ରାଚ୍ୟୁଇଟି ସମ୍ବନ୍ଧୀୟ ନଥିରେ ଅର୍ଥ ବିଭାଗ ମୋହର ଲଗାଇଛି । ସୂଚନାଯୋଗ୍ୟ ଯେ, ଅର୍ଥ ବିଭାଗ ବହୁବାର ନଥି ଫେରାଇବା ପରେ ଶେଷରେ ଅନୁମୋଦନ କରିଛି । ଏହା ଉପରେ ପୂର୍ତ୍ତ ବିଭାଗ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରୁଛି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ ଓ ପୂର୍ତ୍ତ ବିଭାଗ ବିଜ୍ଞପ୍ତି ପ୍ରକାଶ କରିବ । ପୂର୍ତ୍ତ ବିଭାଗରେ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ କର୍ମଚାରୀମାନେ ଡିଏଲ୍‌ଆର ନିଯୁକ୍ତି ସମୟରୁ ୱାର୍କଚାର୍ଜଡ୍ ଚାକିରୀ ପର୍ଯ୍ୟନ୍ତ ପି.ଜି. ଆକ୍ଟ ୧୯୭୨ ନିୟମ ଅନୁସାରେ ଗ୍ରାଚ୍ୟୁଇଟି ପାଇବେ । ଗ୍ରୁପ୍-ସି ବର୍ଗର କର୍ମଚାରୀ ୭ ରୁ ୮ ଲକ୍ଷ ଓ ଗ୍ରୁପ୍ -ଡି ବର୍ଗର କର୍ମଚାରୀ ୬ ରୁ ୭ ଲକ୍ଷ ପାଇବେ ବୋଲି ହିସାବ ଆକଳନରେ ଜଣାପଡ଼ିଛି । ଏ ବାବଦରେ କେବଳ ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ୱାର୍କଚାର୍ଜଡ୍ କର୍ମଚାରୀଙ୍କ ନିମନ୍ତେ ସରକାରଙ୍କୁ ବର୍ତ୍ତମାନ ପାଖାପାଖି ୯୦ କୋଟି ଟଙ୍କା ରାଜକୋଷରୁ ଭରଣା କରିବାକୁ ପଡ଼ିବ ବୋଲି ସଂଘ ନେତା ଗଗନ ଭ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସଂଘର ସାଧାରଣ ପରିଷଦ




ସଭାରେ ବିଜେପିର ବରିଷ୍ଠ ନେତା ସର୍ବଶ୍ରୀ ପ୍ରିୟଦର୍ଶୀ ମିଶ୍ର ଓ ଜଗନ୍ନାଥ ପ୍ରଧାନ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରଦୀପ କୁମାର ପାଣିଗ୍ରାହୀ, ୱାର୍କଚାର୍ଜଡ୍ କର୍ମଚାରୀ ସୁପ୍ରିମକୋର୍ଟ ଆଦେଶ ବଳରେ ବର୍ତ୍ତମାନ ପେନ୍‌ସନ୍‌ଭୋଗୀ କର୍ମଚାରୀର ମାନ୍ୟତା ପାଇଛନ୍ତି ଓ ବର୍ତ୍ତମାନ ସେ ପେନ୍‌ସନ୍ ପାଇବେ ବୋଲି ହିସାବ ଆକଳନ ଚାଲିଛି । ସେହିପରି ୧୨୨ ଜଣ ୱାର୍କଚାର୍ଜଡ୍ କର୍ମଚାରୀ ସୁପ୍ରିମକୋର୍ଟଙ୍କ ଆଦେଶ ପାଇ ପେନ୍‌ସନ୍ ଅପେକ୍ଷାରେ ଅଛନ୍ତି । ବିଜେପି ସରକାର ଗ୍ରାଚ୍ୟୁଇଟି ଦେବା ନିମନ୍ତେ ନିଷ୍ପତ୍ତି ନେଇ ଥିବାରୁ ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ୍/ ରେଗୁଲାର କର୍ମଚାରୀ ସଂଘ କୃତଜ୍ଞତା ଜ୍ଞାପନ କରିଛି । ୧୨୨ଜଣଙ୍କ ଭଳି ପୂର୍ତ୍ତ ବିଭାଗର ୩ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ କିପରି ପେନ୍‌ସନ୍ ପାଇବେ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ବୈଠକ ଡକାଇ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଅନ୍ତୁ ବୋଲି ସଂଘ ଦାବି କରିଛି । ସଭାରେ ୨୫ ରୁ ଅଧିକ ଜିଲ୍ଲା / ବିଭାଜନ ପ୍ରତିନିଧି ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ । ଅଶୋକ ଚୌଧୁରୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସାଧାରଣ ସମ୍ପାଦକ ଅରୁଣ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁରୁକୂଳରେ ଭଲ୍ୟୁଣ୍ଟର ସପ୍ତାହ ପାଳନ ଉପଲକ୍ଷେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୧।୯:(ମନ୍ଥନ) ସ୍ଥାନୀୟ ଗୁଡ଼ସ ରୋଡ଼ ସ୍ଥିତ ଗୁରୁକୁଳ ଆନ୍ତର୍ଜାତୀୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଟିପିଏସ୍‌ଓଡିଲ୍ ତରଫରୁ ଟାଟା ଭଲ୍ୟୁଣ୍ଟର ସପ୍ତାହ ପାଳନ ଉପଲକ୍ଷେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ପ୍ରଶାନ୍ତ ମହାପାତ୍ର, ସମ୍ପାଦିକା ଶ୍ରୀମତୀ ଅନୀତା କୁମାରୀ ପାଢୀ, ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁନୀଲ କୁମାର ବଡପଣ୍ଡାଙ୍କ ସମେତ ଟିପିଏସ୍‌ଓଡିଲ୍ ଦକ୍ଷିଣ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ଅମୀତ କୁମାର ଗର୍ଗ, ବରିଷ୍ଠ ଅଧିକାରୀ ରନ୍‌ଧିର କୁମାର ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଗହଣରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉକ୍ତ




କାର୍ଯ୍ୟକ୍ରମରେ ଅତି ଆଗ୍ରହ ସହକାରେ ଭାଗ ନେଇ ବୃକ୍ଷ ରୋପଣ କରିବାରେ ସହଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଗର୍ଗ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ନେଇ ପ୍ରକୃତି ଓ ପରିବେଶ ପରିଛନ୍ନତା ଉପରେ ବହୁ ଗରୁର୍ତ୍ୱ ଉପଦେଶ ପୂର୍ବକ ବାର୍ତ୍ତା ପ୍ରଦାନ କରିଥିଲେ । ଏହାସହ ଏନେଇ ବିଦ୍ୟାଳୟର ସହଯୋଗିତାରେ ଅନୁପ୍ରାଣିତ ହୋଇ ଟିପିଏସ୍‌ଓଡିଲ୍ ମୁଖ୍ୟ ଶ୍ରୀ ଗର୍ଗ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବଡପଣ୍ଡାଙ୍କ ଏହିଭଳି ପରିଚାଳନା ଓ ସହଯୋଗ ପାଇଁ ସାଧୁବାଦ ଜଣାଇବା ସହ ସ୍ୱତନ୍ତ୍ର ରୂପେ ଏହି ସହଯୋଗକୁ ସ୍ମୃତି ରୂପେ ସାଇତିବା ପାଇଁ ସେପ୍ ଲିନ୍ ଉପହାର ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିବା ବେଳେ, ସମସ୍ତ କର୍ମଚାରୀ ମାନେ ପରିଚାଳନରେ ସହଯୋଗ କରିଥିଲେ ।

# ଏସିଡ୍ ଆକ୍ରମଣ ପିଡିତା ଏବଂ ପୋକସୋ ଆଇନ୍ ସମ୍ବନ୍ଧୀୟ ସଚେତନତା ସଭା

ଯାଜପୁର,୨୧।୯:(ମନ୍ଥନ)ଜିଲ୍ଲା ଓ ଦୈରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଂଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ନାଲ୍‌ସା ପ୍ରଦତ ଏସିଡ୍ ଅକ୍ରମଣ ପିଡିତା ଏବଂ ପୋକ୍ସୋ ଆଇନ୍ ସମ୍ବନ୍ଧୀୟ ଏକ ଆଇନ୍, ସଚେତନତା ସଭା ନାଥସାହି ପଂଚାୟତ କାର୍ଯାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଏସିଡ୍ ଅକ୍ରମଣ ପିଡିତା ମାନଙ୍କତ ଅଇନଗତ ଅଧିକାର ଏବଂ ପୋକ୍ସୋ ଆଇନ୍‌ର ବିଭିନ୍ନ ଦିଗ ବିଷୟରେ ସମ୍ୟକ ଧାରଣା ଦିଆଯାଇଥିଲା । ଆଇନ ଆଖରେ ଶିଶୁ କହିଲେ ଗର୍ଭ ସଂଚାରଠାରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ବାଳକ ବାଳିକା ଉଭୟ ଶିଶୁଙ୍କୁ ବୁଝାଏ, ଏହି ବୟସର ଶିଶୁକୁ ବିଶେଷ କରି କନ୍ୟା ଶିଶୁ ମାନଙ୍କ ପ୍ରତି ବଢି ଚାଲିଥିବା



ଯୌନ ନିର୍ଯ୍ୟତନା ଅପରାଧରୁ କିପରି ସେମାନଙ୍କୁ ସୁରକ୍ଷା ଦିଆଯାଇପାରିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । କନ୍ୟା ଶିଶୁମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଥିବା ପୋକ୍ସୋ ଆଇନ ସମ୍ପର୍କରେ ସୂଚନା ଦେବା ସହିତ ଏ କ୍ଷେତ୍ରରେ ଶିଶୁମଙ୍ଗଳ କମିଟି ଓ ପୋଲିସ୍‌ର ଦାୟିତ୍ୱ ବିଷୟରେ ମଧ୍ୟ ଆଲୋକପାତ କରାଯାଇଥିଲା । ଏହା ବ୍ୟତୀତ ଯୌନଶୋଷଣ ହୋଇଥିବା ୧୮ ବର୍ଷରୁ କମ୍ ନାବାଳିକାମାନେ କିପରି ନ୍ୟାୟ ପାଇପାରିବେ, କୋର୍ଟ ପରିସରରେ ସେମାନଙ୍କ ସାକ୍ଷୀ କିପରି ସୁସ୍ଥ ବାତାବରଣରେ ନିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୀଡ଼ିତାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା କ୍ଷତିପୂରଣ ଯୋଜନା ସମ୍ପର୍କରେ ମଧ୍ୟ ସୁଚନା ଦିଆଯାଇଥିଲା । ଅନ୍ୟ ମାନଙ୍କର ମଧ୍ୟରେ ଡ. ରୁଦ୍ରନାରାୟଣ ପୃଷ୍ଟି, ସାମାଜିକ କର୍ମୀ, ଡ. ରମେଶ ଚନ୍ଦ୍ର ମଲିକ, ମାନସିକ ବିଶେଷଜ୍ଞ, ସାଗରିକା ମହାପାତ୍ର, ସହକାରୀ ଉନ୍ନୟନ ଅଧିକାରୀ ଏହି ଆଇନର ବିଭିନ୍ନ ଦିଗ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ ।ଏହି ସଭାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଲିପା ମହାନ୍ତି ପରିଚାଳନା କରିଥିବା ବେଳେ ସ୍ଥାନିୟ ସରପଂଚ, ସର୍ସ୍ମିତା ପହି ଏହି ସଭାକୁ ସଫଳ କରାଇବାରେ ସହଯୋଗ କରିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ସହମତି ବୟସ

ଭାରତରେ ଗୋଟିଏ ଶିଶୁ ସହ ଯୌନ ସମ୍ପର୍କ ଦଣ୍ଡନୀୟ। ଯୌନ ନିର୍ଯ୍ୟାତନାର ଗଭୀରତା ଅନୁଯାୟୀ ଆଇନରେ ୩ରୁ୨୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ବ୍ୟବସ୍ଥା ରହିଛି। ୨୦୧୨ରେ ଦେଶରେ ପ୍ରଣୟନ ହୋଇଥିବା ପ୍ରୋଟେକସନ ଅଫ ଚିଲଡ୍ରେନ ଫ୍ରମ ସେକ୍ସୁଆଲ ଅଫେନ୍ସ(ପକ୍ସୋ) ଆଇନର ଉଦ୍ଦେଶ୍ୟ ହେଉଛି ଶିଶୁଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଦେବା। ପକ୍ସୋ ଆଇନ ଅନୁସାରେ ୧୮ବର୍ଷରୁ କମ୍ ବୟସ୍କଙ୍କୁ ଶିଶୁ ଭାବେ ବ୍ୟାଖ୍ୟା କରାଯାଇଛି। କିନ୍ତୁ ଏବେ ୧୬ ରୁ ୧୮ବର୍ଷ ବୟସ ବର୍ଗର କିଶୋର-କିଶୋରୀ ଶୀଘ୍ର ଯୌବନ ପ୍ରାପ୍ତ ହେବା ଯୋଗୁଁ ସେମାନଙ୍କ ମଧ୍ୟରେ ଯୌନ ଉଦ୍ଦିପନା ଲକ୍ଷ୍ୟ କରାଯାଏ। ତେବେ ଏହା ହେଉଛି ସମସ୍ୟା ଯେ, ସହମତି ଭିତ୍ତିରେ ରୋମାଣ୍ଟିକ ଭାବନା ପ୍ରକାଶ ପାଇବା ଏବଂ କେତେକ ସମୟରେ ସେମାନେ ଯୌନ କ୍ରୀଡାରେ ଲିପ୍ତ ହେବା। ପକ୍ସୋ ଆଇନ ଅନୁଯାୟୀ ୧୮ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ସହମତି ଭିତ୍ତିରେ ଦଣ୍ଡନୀୟ ଅପରାଧ। ଏହାକୁ ନେଇ ଦେଶରେ ଏବେ ଭିନ୍ନମତ ପ୍ରକାଶ ପାଇବାରେ ଲାଗିଛି। ଯୌନ ସମ୍ପର୍କ କ୍ଷେତ୍ରରେ ସହମତି ପାଇଁ ବୈଧାନିକ ବୟସସୀମା ୧୮ବର୍ଷରୁ ୧୬ବର୍ଷକୁ ହ୍ରାସ କରିବା ପାଇଁ ଏବେ ମାମଲା ସୁପ୍ରିମକୋର୍ଟଙ୍କ ବିଚାରଧୀନ ରହିଛି। ନିପୁନ୍ ସାକ୍ସେନା ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟଙ୍କୁ ସହାୟତା କରୁଥିବା ଆମିକସ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଯୌନ ସମ୍ପର୍କ ପାଇଁ ଆଇନଗତ ଭାବେ ବୟସସୀମା ୧୬ବର୍ଷରୁ ହ୍ରାସ କରିବା ପାଇଁ ଦୃଢ ମତପୋଷଣ କରିଥିବା ବେଳେ କେନ୍ଦ୍ର ସରକାର ବୟସ ସୀମା ହ୍ରାସକୁ କେବଳ ଦୃଢ ଭାବେ ବିରୋଧ କରିନାହାଁନ୍ତି, ପକ୍ସୋ ଆଇନରେ ସହମତି ଭିତ୍ତିରେ ଯୌନ ସମ୍ପର୍କ ପାଇଁ ଦଣ୍ଡବିଧାନକୁ ହ୍ରାସ କରିବା ସପକ୍ଷରେ ମଧ୍ୟ ନାହାଁନ୍ତି। ଅଦାଲତକୁ କେନ୍ଦ୍ର ସରକାର ସ୍ପଷ୍ଟ ଭାବେ ଅବଗତ କରାଇଛନ୍ତି ଯେ, ପକ୍ସୋ ଆଇନରେ ଥିବା ଦଣ୍ଡ ବ୍ୟବସ୍ଥାରେ ଯେକୌଣସି ରିହାତି ବୈଧାନିକ ଭାବନାକୁ ଦୁର୍ବଳ କରିଦେବ। କିନ୍ତୁ ଗତ କିଛି ବର୍ଷ ହେଲା, ଦେଶର ବହୁ ଅଦାଲତ ଦଣ୍ଡ ବିଧାନକୁ ହ୍ରାସ କରିଥିବା ବେଳେ ସାମାଜିକ କର୍ମୀମାନେ ପକ୍ସୋ ଆଇନରେ କେତେକ ବ୍ୟବସ୍ଥା ରଦ୍ଦ କରିବାକୁ ଦୃଢ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପକ୍ସୋ ଆଇନରେ ସହମତିରେ ସ୍ଥାନ ନାହିଁ। କିନ୍ତୁ ନିକଟରେ ମୁମ୍ବାଇର ପକ୍ସୋ ଅଦାଲତ ଜଣେ ୪୦ବର୍ଷ ବୟସ୍କ ଶିକ୍ଷକଙ୍କୁ ଜାମିନ ମଂଜୁର କରିଛନ୍ତି। ଯେ କି ନିଜ ବିଦ୍ୟାଳୟର ଜଣେ ୧୬ବର୍ଷ ବୟସ୍କ ଛାତ୍ରୀ ସହ ସହମତି ଭିତ୍ତିରେ ଯୌନ ସମ୍ପର୍କ ରଖିଥିଲେ। ସେହିପରି ଗତ ମେ' ମାସରେ ସୁରଟର ପକ୍ସୋ ଅଦାଲତ ଜଣେ ୧୩ବର୍ଷ ବୟସ୍କ ଛାତ୍ରକୁ ଅପହରଣ କରି ତାସହିତ ଯୌନ ସମ୍ପର୍କ ରଖିଥିବା ଜଣେ ୨୩ବର୍ଷ ମହିଳା ଟ୍ୟୁଟରଙ୍କୁ ଜାମିନ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଟ୍ୟୁଟର ଜଣକ ୨୦ ସପ୍ତାହର ଅନ୍ତଃସ୍ୱତ୍ତା ଥିବା ଜଣାଯାଇଛି। କହିବା ବାହୁଲ୍ୟ ଯେ, ଯେତେବେଳେ ୧୮ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ଯୌନ ଉଦ୍ଧିପନା, ରୋମାଣ୍ଟିକ ଭାବନା ବୃଦ୍ଧି ପାଉଛି ସେତେବେଳେ ସହମତି ବିରୋଧର କାରଣ ବୁଝାପଡୁନାହିଁ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। କିନ୍ତୁ କେନ୍ଦ୍ର ସରକାର ଦର୍ଶାଇଛନ୍ତି ଯେ, ଆଇନକୁ କୋହଳ କରିବା କିମ୍ବା ସହମତି ବୟସ ସୀମା ହ୍ରାସ କରିବା ନାବାଳିକା ଚାଲାଣର ସ୍ରୋତ ଛୁଟିବ ଏବଂ ଶିଶୁ ଯୌନ ନିର୍ଯ୍ୟାତନା ବଢିଚାଲିବ। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି)। ୨୦୨୨ ରିପୋର୍ଟ କହେ, ଦେଶରେ ଦୈନିକ ହାରାହାରି ୩ଜଣ ବାଳିକା ଚାଲାଣ ହୋଇଥିଲେ। ତେବେ ଖୁସିର କଥା ଯେ, କୈଶୋର ଅବସ୍ଥା ଏକ ପ୍ରାକୃତିକ ବୟସ ହୋଇଥିବାରୁ ଏହି ସମୟରେ କିଶୋର କିଶୋରୀଙ୍କ ମଧ୍ୟରେ ରୋମାଣ୍ଟିକ ଭାବନା ସୃଷ୍ଟି ହୋଇଥାଏ ଏବଂ ସେମାନେ ସହମତିରେ ଯୌନ ସମ୍ପର୍କ ପାଇଁ ଆଗ୍ରହୀ ହୋଇଥାଏ। ଏଥିଯୋଗୁଁ ସହମତି ବୟସ ନେଇ ତୁରନ୍ତ ଆତ୍ମ ବିଶ୍ଳେଷଣର ଗୁରତ୍ୱ ବହନ କରେ। ଅନ୍ୟପକ୍ଷରେ 'ଲ କମିଶନ' ଏହାର ସମୀକ୍ଷା କରି ଯେଉଁ ରିପୋର୍ଟ ପ୍ରଦାନ କରିଛନ୍ତି, ତାହା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। "ଲ କମିଶନ" ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ପକ୍ସୋ ଆଇନର କଠୋର ଦଣ୍ଡବିଧାନ ବେଳେବେଳେ ଯୁବକଙ୍କ ପାଇଁ ଜୀବନସାରା ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଥାଏ। ଯେଉଁମାନେ ସହମତି ଭିତ୍ତିରେ ଯୌନ ସମ୍ପର୍କ ରକ୍ଷା କରିଥାନ୍ତି। ଭାରତ ପରି ଏକ ପୁରୁଷ କୈନ୍ଦ୍ରୀକ ରାଷ୍ଟ୍ରରେ ଜଣେ ଯୁବତୀର ନିଜ ଶରୀର କିମ୍ବା ମନ ଉପରେ କୌଣସି ଅଧିକାର ନଥିବା ଯୋଗୁଁ ସ୍ୱେଚ୍ଛାଚାରୀ ପରିବାର ହାତରେ ପକ୍ସୋ ଆଇନ ଏକ ଆୟୁଦ୍ଧ ହୋଇ ଯାଇଛି। କୈଶୋର ଅବସ୍ଥାରେ ସହମତି ଯୌନ ମାମଲାରେ କିଶୋର ଜଣକ ଜୁଭେନାଇଲ କିମ୍ବା ଜେଲକୁ ଯାଇଥିବାବେଳେ ୧୮ବର୍ଷରୁ କମ୍ କିଶୋରୀ କୁ ଆଶ୍ରୟସ୍ଥଳକୁ ଯାଇଥାଏ। ସୁରକ୍ଷା ଆଳରେ ଆମ ଦେଶରେ ଆଶ୍ରୟ ସ୍ଥଳଗୁଡିକ ଯୁବତୀ ଚାଲାଣର ମୂଳକେନ୍ଦ୍ର ପାଲଟିଥିବା ଅଭିଯୋଗ ହୁଏ। ଉଲ୍ଲେଖ କରାଯାଇପାରେ ଯେ, ଆନ୍ତର୍ଜାତିକ ସ୍ତରରେ ବିଶ୍ୱର ୧୪୧ଟି ରାଷ୍ଟ୍ର ସହମତି ବୟସ ସୀମା ୧୬ କିମ୍ବା ଏହାଠାରୁ କମ୍ ରହିଛି। ୨୦୧୩ ପୂର୍ବରୁ ଆମ ଦେଶରେ ଦୀର୍ଘ ସହମତି ବୟସ ସୀମା ୧୬ ରହିଥିଲା। ୨୦୧୩ ମସିହାରେ ଶିଶୁ ସୁରକ୍ଷା ପାଇଁ ଦେଶରେ ପ୍ରଣିତ ପକ୍ସୋ ଆଇନରେ ବିନା ବିତର୍କରେ ସହମତି ବୟସ ତଥା ଯୁବ ବୟସ ୧୮ କୁ ବୃଦ୍ଧି କରାଯାଇଥିଲା। ଏବେ ଏହା ବିରୁଦ୍ଧରେ ଜନମତ ପ୍ରକାଶ ପାଇବା ଏବଂ ସର୍ବୋଚ୍ଚ ଅଦାଲତରେ ଶୁଣାଣୀ ହେବା ଏକ ସକାରାତ୍ମକ ଆଶା ଉଜ୍ଜିବତ କରିଛି ବୋଲି କୁହାଯାଇପାରେ।

# ଟ୍ରମ୍ପଙ୍କ ପାଗଳାମୀ

ସୌମେନ୍ଦ୍ର ଜେନା

ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ କଥାର ତାଳମେଳ ରହୁନାହିଁ । ବୟସାଧିକ୍ୟ ଲୋକ ହେଲେ ଅନେକ ସମୟରେ ସ୍ମୃତି ହରାଇବା ସ୍ୱାଭାବିକ । ଏହା ଏକପ୍ରକାର ସାଧାରଣ ରୋଗ । ଏହି ସମୟରେ ବ୍ୟକ୍ତି ଅଧିକ ରଘପଗ୍ରସ୍ତ ହେଲେ ଚିଡିଚିଡା, ଅହଂକାରୀ ହୋଇ କାର୍ଯ୍ୟକରେ । ଟ୍ରମ୍ପଙ୍କ କ୍ଷେତ୍ରରେ ତାହା ହିଁ ହୋଇଛି ।

ପ୍ରଥମେ ଟ୍ରମ୍ପ ମନେକଲେ ଯେ ସେ ତାଙ୍କର ନିଜସ୍ୱ ନୀତି ଦ୍ୱାରା ସାରାବିଶ୍ୱକୁ କଣ୍ଢେଇ ପରି ବ୍ୟବହାର କରିବେ । ତାଙ୍କ ଇଛାକୁ ପୂରଣ କରୁନଥିବା କିମ୍ବା ଗ୍ରହଣ କରୁନଥିବା ରାଷ୍ଟ୍ର ବିରୋଧରେ ସେ ତାଙ୍କ ଟିକସ ଯୁଦ୍ଧ ଭୟ ଦେଖାଇବେ । ହେଲେ ଭୟକୁ ଗ୍ରହଣ ନକଲେ ଅଧିକ କଠୋର ପଦକ୍ଷେପ ନେବେ । କିନ୍ତୁ ଦିନ କେଇଟାରେ ସାରା ବିଶ୍ୱରେ ଲୋକେ ଆମେରିକାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି । ଅଗଷ୍ଟରୁ ୯୦ଟି ଦେଶ ବିରୋଧରେ ଯେଉଁ ଆମଦାନୀ ଶୁଳ୍କ ଟ୍ରମ୍ପ ଲଗାଇଛନ୍ତି ତାକୁ ଗ୍ରହଣ କରିବା ସହଜ ହୋଇନାହିଁ । ଯେମିତି ବ୍ରାଜିଲ ୫୦%, କାନାଡା ୨୫%ରୁ ୩୫%, ଚୀନ ୩୦%, ମେକ୍ସିକୋ ୨୫%, ୟୁରୋପୀୟ ରାଷ୍ଟ୍ର ସଂଘ ୧୫%, ସିରିଆ ୪୧%,ଲାଓସ ୪୦%, ସ୍ୱିଜରଲାଣ୍ଡ ୩୯%, ମ୍ୟାନମାର୍ ୪୦%, ଇରାକ ୩୫%, ସର୍ବିଆ ୩୫%, ଆଲଜେରିଆ ୩୦%, ବୋସନିଆ ଓ ହେର୍ଜଗୋଭିନା ୩୦%, ଲିବିୟା ୩୦%, ଦକ୍ଷିଣ ଆଫ୍ରିକା ୩୦%, ଭାରତ ୫୦%, ପାକିସ୍ଥାନ ୧୯%, ବଙ୍ଗଳାଦେଶ ୨୦%, । ଏହି ପ୍ରବେଶ ଶୁଳ୍କ ଆମଦାନୀ ଉପରେ ଲାଗିଲେ ଆମେରିକାକୁ ଯାଉଥିବା ଅନେକ ପ୍ରକାର ବସ୍ତୁର ଦର ବୃଦ୍ଧିପାଇବ । ଏଥିରେ ଆମେରିକାବାସୀଙ୍କ ଖର୍ଚ୍ଚ ବଢିବ । ଗ୍ରାହକଙ୍କ କ୍ରୟଶକ୍ତି ହ୍ରାସ ହେବ, ବଜାର ଅସ୍ଥିର ହେବ । ଟ୍ରମ୍ପଙ୍କ କହିବାନୁସାରେ ଏହି ଘୋଷଣାପରେ ଆମେରିକାର ଅର୍ଥନୀତି ଶକ୍ତିଶାଳୀ ହେବ । କିନ୍ତୁ ସାରା ବିଶ୍ୱରେ ଘୃଣାରପାତ୍ର ଭାବେ ସମାଲୋଚିତ ହେବା ପରେ ଟ୍ରମ୍ପ କିପରି ଆମେରିକାକୁ ସମୃଦ୍ଧ କରିବେ ? ଆର୍ଥିକ ଆଧିପତ୍ୟ ପ୍ରଦର୍ଶନ କରି ଟ୍ରମ୍ପ ଅନ୍ୟମାନଙ୍କୁ ଭୟ ପ୍ରଦର୍ଶନ କରିବାର ଯେଉଁ କୌଶଳ ଆପଣାଇଛନ୍ତି ତାହା ଆତ୍ମଘାତୀ ହେବ । ଆମେରିକାର ସହଯୋଗୀ ରାଷ୍ଟ୍ର ଦକ୍ଷିଣ କୋରିଆରେ ଟ୍ରମ୍ପଙ୍କ ନୀତିକୁ ବିରୋଧ କରି ଋଷୀମାନେ ରାସ୍ତାକୁ ଓହ୍ଲାଇଛନ୍ତି । ଜାପାନରେ ମଧ୍ୟ ଲୋକେ ଆମେରିକାର ମତିଗତିକୁ ନେଇ ଖପ୍ପା ଅଛନ୍ତି । ଜି-୭ର ମୋଟ ୭ଜଣଙ୍କ ମଧ୍ୟରୁ ଦୁଇଟି ଦେଶ ଫ୍ରାନ୍ସ ଏବଂ କାନାଡା ଟ୍ରମ୍ପଙ୍କୁ ବିରୋଧ କରି ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେବାଲାଗି ଘୋଷଣା କରିଛନ୍ତି । ସେହିପରି ନାଟୋ ମେଣ୍ଟରେ ଥିବା ସଦସ୍ୟ ରାଷ୍ଟ୍ରଙ୍କ ଭିତରୁ ଦୁଇଟି ରାଷ୍ଟ୍ର ଏବେ ଟ୍ରମ୍ପଙ୍କୁ ବିରୋଧକରି ପୁଟିନଙ୍କୁ ସମର୍ଥନ କରିଛନ୍ତି । ଏପରିକି ଆମେରିକାର ବଡ ସମର୍ଥକ ବ୍ରିଟେନରେ ମଧ୍ୟ ଲୋକଙ୍କ ମଧ୍ୟରେ ଟ୍ରମ୍ପ ବିରୋଧୀ ଭାବନା ଖୁବ୍ ବଢିଛି । ନିଜକୁ ପୃଥିବୀର ଚୌଧୁରୀ ଭାବେ ମନେକରୁଥିବା ଟ୍ରମ୍ପଙ୍କୁ ନିଜ ଦେଶରେ ପ୍ରବଳ ସମାଲୋଚନାର ସାମ୍ନା କରିବାକୁ ହୋଇଛି । ତାଙ୍କ ଲୋକପ୍ରିୟତା ଖୁବ୍ ଅଧିକ ହ୍ରାସ ପାଇଛି । ଏପରିକି ଭିନ୍ନ ଭିନ୍ନ ରାଜ୍ୟରେ ଟ୍ରମ୍ପଙ୍କୁ ଲୋକେ ଏତେ ସମାଲୋଚନା କରୁଛନ୍ତି ଯେ ଆଗାମୀ ଦିନରେ ତାଙ୍କୁ ମହାଭିଯୋଗର ସାମ୍ନା କରିବାକୁ ହୋଇପାରେ ।

ଗୋଟିଏ ପଟେ ଆମେରିକା ୟୁକ୍ରେନକୁ ଲଢିବା ପାଇଁ ଯୁଦ୍ଧ ସାମଗ୍ରୀ ପଠାଉଥିବା ସମୟରେ ରୁଷିଆ ସହ ଭଲ ସଂପର୍କ ଥିବା ରାଷ୍ଟ୍ରଗୁଡିକ ବିରୋଧରେ ଟ୍ରମ୍ପ ବିଷୋଦଗାର କରିବାରେ ଲାଗିଛନ୍ତି । ଭାରତର ରୁଷିଆଠାରୁ ତେଲ କିଣାଦ୍ୱାରା ୟୁକ୍ରେନ ଲୋକଙ୍କୁ ହତ୍ୟା କରାଯାଉଥିବା ବିଷୟରେ ଆମେରିକା ଅଭିଯୋଗ କରିଛି । ସେହିକ୍ରମରେ ୟୁକ୍ରେନ ରାଷ୍ଟ୍ରପତି ଆଉ ଦୁଇପାଦ ଆଗେଇଯାଇ ଟ୍ରମ୍ପଙ୍କୁ ଖୁସି କରାଇବା ଲାଗି ରୁଷିଆର ଡ୍ରୋନ ନିର୍ମାଣରେ ଭାରତୀୟ କମ୍ପାନୀର ଅଂଶ ରହିଥିବା କଥା ରାଷ୍ଟ୍ରପତି କହି ଅଭିଯୋଗ କରିଛନ୍ତି ।

ଟ୍ରମ୍ପଙ୍କ ପାଗଳାମୀ ଦେଖି ରୁଷିଆର ପ୍ରଧାନମନ୍ତ୍ରୀ ଦିମିତ୍ରୀ ମେଡବେଡେଭ ଟ୍ରମ୍ପଙ୍କୁ ସମାଲୋଚନା କରିବାପରେ ଆମେରିକା ପକ୍ଷରୁ ଦୁଇଟି ପରମାଣୁ ସବମେରିନ ପଠାଯିବାପରେ ରୁଷିଆ ପୂର୍ବରୁ ଆମେରିକା ସହ ଯେଉଁ ପରମାଣୁ ନିୟନ୍ତ୍ରଣ ସଂକ୍ରାନ୍ତରେ ବୁଝାମଣା କରିଥିଲା ସେଥିରୁ ଓହରିଯିବା ଘୋଷଣା କରି ନିଜ ସୁରକ୍ଷା ନିମି ବହୁଦେଶୀୟ ଦୂରଗାମୀ କ୍ଷେପଣାସ୍ତ୍ରକୁ ମୁତୟନ କରିଛି । ବିଶେଷକରି ବ୍ରିକ୍ସ ରାଷ୍ଟ୍ରଗୁଡିକୁ ଟ୍ରମ୍ପ ଅଧିକ ଟାର୍ଗେଟ କରିବାରେ ଲାଗିଛନ୍ତି । ଏହି ଗୋଷ୍ଠୀ ପକ୍ଷରୁ ବ୍ରିକ୍ସ ମୁଦ୍ରା ପ୍ରଚଳନ ପାଇଁ ପ୍ରସ୍ତାବ ଆସିଥିଲା । ଯଦି ବ୍ରିକ୍ସ ମୁଦ୍ରା ପ୍ରଚଳନ ବଢେ ତେବେ ଅର୍ଦ୍ଧେକ ପୃଥିବୀ ଖୁବ୍ କମ୍ ଦିନରେ ଡଲାରମୁକ୍ତ ହେବ । ବିଶ୍ୱ ଅର୍ଥନୀତିରେ ଡଲାରର ପ୍ରଭୁତ୍ୱ ହ୍ରାସ ପାଇବ, ଏଥିରେ ସନ୍ଦେହ ନାହିଁ , ଏହାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ସାରା ପୃଥିବୀରେ ଶତ୍ରୁ ସୃଷ୍ଟିକରି ନିଜକୁ ମନେମନେ ବାଦଶାହ ଭାବେ ପ୍ରତିଷ୍ଠିତ କରିବାକୁ ଋହୁଁଥିବା ଟ୍ରମ୍ପ ଏତେଟା ସହଜରେ ସଫଳ ହେବେ ନାହିଁ । କାରଣ ବ ର୍ମାନ ପରିସ୍ଥିତିରେ ଭାରତ, ଚୀନ, ରୁଷିଆ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ପରି ଶକ୍ତିଶାଳୀ ରାଷ୍ଟ୍ର ଗୋଷ୍ଠୀକୁ ଖୋଲାଖୋଲି ଋଲେଞ୍ଜ କରିବାକୁ ଟ୍ରମ୍ପ ଯେପରି ଅଶାଳୀନ ଭାଷା ପ୍ରୟୋଗ କରି ଋଲିଛନ୍ତି ,ତାକୁ କୌଣସି ସଭ୍ୟ ରାଜନେତା ଗ୍ରହଣ କରିବେ ନାହିଁ, ରାଷ୍ଟ୍ର ମଧ୍ୟ କରିବ ନାହିଁ ।

ପୁନର୍ବାର ଆମେରିକାକୁ ଶକ୍ତିଶାଳୀ, ସମୃଦ୍ଧଶାଳୀ ଏବଂ ସର୍ବାଗ୍ରେ ପ୍ରତିଷ୍ଠିତ କରିବାକୁ ଘୋଷଣାକରି ଟ୍ରମ୍ପ ଆମେରିକାବାସୀଙ୍କ ସମର୍ଥନ ହାସଲ କଲେ ସତ, କିନ୍ତୁ ପୂର୍ଣ୍ଣ ସହଯୋଗ ଏବେ ମଧ୍ୟ ପାଇନାହାନ୍ତି । ଆମେରିକା ଲୋକେ ଏବେ ଟ୍ରମ୍ପଙ୍କୁ ଧ୍ୱଂସକାରୀ ଦୃଷ୍ଟିରେ ଦେଖିବାରେ ଲାଗିଛନ୍ତି । ପ୍ରଥମେ ଅନ୍ୟଦେଶର ଲୋକଙ୍କୁ ତଡିବା,ଏବେ କର୍ମଋରୀମାନଙ୍କୁ ଗ୍ରହଣ ନକରିବାଲାଗି କମ୍ପାନୀଗୁଡିକୁ କହିବାଦ୍ୱାରା ଆମେରିକାରେ ଅସ୍ଥିରତାର ବାତାବରଣ ସୃଷ୍ଟିହେବ । ପୁଞ୍ଜିବଜାର ଆଧାରିତ ସେଠାକାର ବ୍ୟବସାୟ କ୍ଷତିଗ୍ରସ୍ତ ହେବ । ବଜାରରେ ଶ୍ରମିକ ପାଇବା କଷ୍ଟକର ହେବ । ଆଜିର ଦିନରେ ଆମେରିକାର ସ୍କୁଲଗୁଡିକର ଶିକ୍ଷାର ଆଧାର ଖୁବ୍ ସୁଦୃଢ ବୋଲି ଯଦି କେହି ମନେ କରୁଥାନ୍ତି ତା ହେଲେ ସେ ଧାରଣା ଆଦୌ ଠିକ୍ ନୁହେଁ । ବାହାର ଦେଶରୁ ଯେଉଁ ମେଧାବୀ ଲୋକେ ଅଧିକ ଉପାର୍ଜନ ପାଇଁ ଆମେରିକାକୁ ବିକଳ୍ପ ଭାବେ ଗ୍ରହଣ କରୁଥିଲେ ଏବେ ତାହା ଓଲଟା ଦେଖାହେବ । ମେଧାବୀ ଲୋକଙ୍କର ଅଭାବ ହେଲେ ଚୀନ ଓ ଭାରତର କମ୍ପାନୀକୁ ଆମେରିକାର କମ୍ପାନୀ ପ୍ରତିଦ୍ୱନ୍ଦ୍ୱିତାରେ ପଛରେ ପକାଇବା କଷ୍ଟ ହେବ । କାରଣ ଏହି ଦୁଇରାଷ୍ଟ୍ରର ଉତ୍ପାଦନ ଓ ବିତରଣ ବହୁବିଧ କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଛି । ବନ୍ଦର କ୍ଷେତ୍ରରେ ଆଦାନୀ ଯେପରି ସମଗ୍ର ବିଶ୍ୱରେ ବନ୍ଦର ଅଧିଗ୍ରହଣ କାର୍ଯ୍ୟ ଋଲୁରଖିଛି ସେମିତି ଟାଟା ପରି କମ୍ପାନୀ ବିଦେଶରେ ବଡ ବଡ କମ୍ପାନୀକୁ ହାତକୁ ଆଣିବାକୁ ଚେଷ୍ଟା ଚଳାଇଛି । ନିକଟରେ ଆଉଭେକୋ ନାମକ ଇଲେକ୍ଟ୍ରିକ୍ ପରିବହନ ଯାନର ନାମୀ କମ୍ପାନୀକୁ ଟାଟା ହାତକୁ ନେବାପରେ ଭାରତୀୟ କମ୍ପାନୀର ୟୁରୋପ ଏବଂ ଦକ୍ଷିଣ ଆମେରିକାରେ ମାଲ୍ ପରିବହନ କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କରିବ । ଭାରତର ଲୋକାଲ ଟେକ୍ନୋଲୋଜୀ ଏବେ କ୍ରମଶଃ ଗ୍ଲୋବାଲ ହେବାରେ ଲାଗିଛି । ସେମିତି ଭାରତର କମ୍ପାନୀଗୁଡିକ ମଧ୍ୟ ଗ୍ଲୋବାଲ ସ୍ତରକୁ ଗଲେଣି । ଯୁଦ୍ଧାସ୍ତ୍ର ନିର୍ମାଣଠାରୁ ଆରମ୍ଭ କରି ମୋବାଇଲ ନିର୍ମାଣ କ୍ଷେତ୍ରରେ ଭାରତର କମ୍ପାନୀଗୁଡିକ ନିଜସ୍ୱ ଦକ୍ଷତା ପ୍ରଦର୍ଶନ କରି ଆସିଛନ୍ତି । ଶସ୍ତା ଔଷଧ ପ୍ରସ୍ତୁତିର କେନ୍ଦ୍ର ଭାବେ ବିଶ୍ୱରେ ଭାରତର ପରିଚୟ ରହିଛି । ଟ୍ରମ୍ପ ଯଦି ଋହୁଁଥାନ୍ତି ଯେ କଟକଣା ଦ୍ୱାରା ସାରା ବିଶ୍ୱର ଉତ୍ପାଦନକୁ ପ୍ରଭାବିତ କରିବାକୁ, ତେବେ ତାହା ତାଙ୍କ ପାଇଁ ବୁମେରାଂ ସଦୃଶ ହେବ । ଅନ୍ୟ ଦେଶଗୁଡିକ ଏହି ଲଢେଇରେ ଯେତିକି କ୍ଷତିଗ୍ରସ୍ତ ହେବେ ତା'ଠାରୁ ଅଧିକ ହେବ ଖୋଦ ଆମେରିକା । ସବୁଠୁ ଅଧିକ କ୍ଷତି ସହିବେ ଆମେରିକାରେ ବସବାସ କରୁଥିବା ଲୋକେ । ଟ୍ରମ୍ପଙ୍କ ପାଗଳାମୀର ସେମାନେ ହେବେ ଶିକାର ।

ଟ୍ରମ୍ପଙ୍କ ଦୂରଦୃଷ୍ଟିବିହୀନ ପଦକ୍ଷେପ ଯୋଗୁ ଆମେରିକାର ଯେଉଁ କ୍ଷତି ହେବାକୁ ଯାଉଛି ତାହା ସ୍ପଷ୍ଟ ଜଣାପଡିଲାଣି । ଏକଦା ଡଗଲାସ ହଜ୍-ଏକିନ୍ ବୁଶ୍‌ଙ୍କ ସରକାରରେ ଆର୍ଥିକ ପରାମର୍ଶଦାତା ଥିଲେ । ସେ ଏବେ କହିଛନ୍ତି ଯେ ଆମେରିକା ପୃଥିବୀରେ ଅନେକ ବନ୍ଧୁଙ୍କୁ ହରାଇବାକୁ ଯାଉଛି । ଆମେରିକାର ବାଣିଜ୍ୟିକ କ୍ଷତି ୧୦.୮ ପ୍ରତିଶତ ହୋଇଛି । ଅଗଷ୍ଟ ୭ତାରିଖଠାରୁ ଆମଦାନୀ ଶୁଳକ୍ ଆମେରିକାରେ ଲାଗୁ ହେବା ପରେ ଏହି କ୍ଷତି ଅଧିକ ହେବ । ଯାହାଫଳରେ ୧୯୩୪ ପରେ ଏହି ବର୍ଦ୍ଧିତ ଶୁଳ୍କ ସର୍ବାଧିକ ଥିବାରୁ ଏହାର ପ୍ରଭାବ ବ୍ୟାପକ ହେବ ବୋଲି ଅର୍ଥନୀତି ବିଶାରଦମାନେ ଅନୁମାନ କରୁଛନ୍ତି । ଚୀନରୁ ଆମଦାନୀ ୧୮.୯ ବିଲିଅନ ଡଲାର ହ୍ରାସପାଇଛି,ଯାହା ୨୦୦୯ ତୁଳନାରେ ସବୁଠୁ କମ୍ । ଯାହା ଫଳରେ ବଜାରରେ ବସ୍ତୁର ଅଭାବ ହେତୁ ମୁଦ୍ରାସ୍ଫୀତି ଦେଖାଦେବ । ୧୯୨୯ ସଦୃଶ ଆମେରିକା ମୁଦ୍ରାବଜାରରେ ପୁଣି ଅସ୍ଥିରତା ଆସିପାରେ ବୋଲି ଅନେକ ଆଶଙ୍କା ପ୍ରକାଶ କରୁଛନ୍ତି । ଟ୍ରମ୍ପ ବାରମ୍ବାର ମିଛ କହି ବାଦାଦୂରୀ ନେବାକୁ ଚେଷ୍ଟା କରୁଥିବାବେଳେ ମୋଦିଙ୍କ ଭାଷଣ ତାଙ୍କୁ ଲଙ୍ଗଳା କରିଦେଇଛି । ଏପରିକି ୧୯୭୧ରେ କିପରି ଭାରତର ଶତ୍ରୁରାଷ୍ଟ୍ର ପାକ୍‌କୁ ଅସ୍ତ୍ରଶସ୍ତ୍ର ଆମେରିକା ଯୋଗାଇଥିଲା ତା'ର ଏକ ଖବର ଭାରତୀୟ ସେନା ପ୍ରକାଶ କରି ଆମେରିକା ଚେହେରାଲେ ଲୁଣ ବୋଳି ଦେଇଛି । ୨୦୨୦ରୁ ୨୦୨୫ ମଧ୍ୟରେ ଆମେରିକାର ଆମଦାନୀ ଶୁଳ୍କ ୨ ପ୍ରତିଶତରୁ ୧୮ ପ୍ରତିଶତକୁ ବଢିଛି । ଟ୍ରମ୍ପ ମନେ କରୁଛନ୍ତି ଯେ ସେ ଏହି ଶୁଳ୍କ ଯୁଦ୍ଧରେ ବିଜୟୀ ହେବେ କିନ୍ତୁ ସାରା ପୃଥିବୀରେ ଆମେରିକା ବିଶ୍ୱାସ ହରାଇ ଶତ୍ରୁରାଷ୍ଟ୍ର ସ୍ତରକୁ ଖସିଯାଇଛି । ଆଗାମୀ ଦିନରେ ଡିଜିଟାଲ ଦେଣନେଣ ପରେ ଆମେରିକାର ଡଲାରର ବ୍ୟବହାର ଏବଂ କ୍ରେଡିଟ୍‌କାର୍ଡର ବ୍ୟବହାର ପୃଥିବୀରେ ହ୍ରାସ ପାଇବ ନିଶ୍ଚୟ । ବ୍ରାଜିଲ ଉପରେ ୫୦ପ୍ରତିଶତ ଶୁଳ୍କ ଲାଗୁ କଲାପରେ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡା ସିଲଭା କହିଛନ୍ତି ଯେ ସେ ଟ୍ରମ୍ପଙ୍କ ସହ କଥା ବନ୍ଦକରି ଚୀନ ରାଷ୍ଟ୍ରପତି ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବେ । ଆମେରିକାର ସହାୟତାରେ ବ୍ରାଜିଲରେ ବିଦ୍ରୋହ ମାଧ୍ୟମରେ କ୍ଷମତା ପରିବ ର୍ନ ପାଇଁ ଷଡଯନ୍ତ୍ର କରିଥିବା ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲ୍‌ସାନାରୋଙ୍କୁ ଗିରଫ କରିବାଲାଗି ଦେଶର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ଯୋଗୁ ସେ ଏବେ ହାଜତରେ ରହିଛନ୍ତି । ଲୁଲାଙ୍କ ସହ ଆମେରିକାର ସଂପର୍କ ଖରାପଥିବା ହେତୁ ଦେଶରେ ବିଦ୍ରୋହ ଓ ରାଜନୈତିକ ଅସ୍ଥିରତା ସୃଷ୍ଟିପାଇଁ ଆମେରିକା ଷଡଯନ୍ତ୍ର କରୁଛି । କିନ୍ତୁ ଦେଶର ସୁପ୍ରିମକୋର୍ଟ ବିରୋଧରେ ମଧ୍ୟ ବୋଲସାନାରୋ କାର୍ଯ୍ୟ କରୁଥିବାର ପ୍ରମାଣ ମିଳିବା ପରେ ବ୍ରାଜିଲର ଅଦାଲତ ଅଧିକ କଠୋର ହୋଇଛି । ତେଣୁ ଟ୍ରମ୍ପଙ୍କ ଏହିସବୁ ଷଡଯନ୍ତ୍ର ଆମେରିକା ପାଇଁ ଅଧିକ କ୍ଷତିକାରକ ହେବ ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ସମ୍ବାଦ ସେବା (ଭାସ୍),
ଭୁବନେଶ୍ୱର -୭୫୧୦୦୩

# ଆପଣ ସୀମାଶୁଳ୍କ ଠକେଇର ଶିକାର ?

ଯୁଧିଷ୍ଠିର ମହାରଣା

ଆପଣ କିମ୍ବା ଆପଣଙ୍କ ପ୍ରିୟଜନ କିଏ ବିଦେଶରେ ରହୁଛନ୍ତି କି ? ବେଳେ ବେଳେ ଆପଣ ତାଙ୍କଠୁ ଉପହାର ପାଇଥାଆନ୍ତି କିମ୍ବା ସେଠାରୁ କୌଣସି ଜିନିଷ ମଗାଇଥାନ୍ତି। ଏଥିଲାଗି ଆପଣଙ୍କୁ ଏକ ସ୍ୱତନ୍ତ୍ର ଟିକସ ଦେବାକୁ ପଡ଼େ। ଆଇନ ଅନୁସାରେ ବିଦେଶରୁ ଦ୍ରବ୍ୟ କିଣିଲେ ସୀମାଶୁଳ୍କ ଦେବାକୁ ପଡ଼େ। ଭିନ୍ନ ଭିନ୍ନ ସାମଗ୍ରୀ ଉପରେ ଏହାର ହାର ବି ଭିନ୍ନ। ପୁଣି ଏପରି କିଛି ସାମଗ୍ରୀ ଅଛି, ଯାହା ଉପରେ ସୀମା ଶୁଳ୍କ ଲାଗୁ ହୋଇ ନଥାଏ। ଗତ ବଜେଟରେ ଭାରତ ସରକାର କେତେକ ଜୀବନ ରକ୍ଷାକାରୀ କର୍କଟ ଔଷଧ ଆମଦାନୀ ଉପରେ ସୀମା ଶୁଳ୍କ ଛାଡ଼ କରିଥିଲେ। ସେହିପରି ସୁନା, ରୂପା ଓ ପ୍ଲାଟିନମ୍ ଭଳି ଦାମୀ ଧାତୁ ଉପରୁ ମଧ୍ୟ ସୀମାଶୁଳ୍କ କମାଇ ଦେଇଥିଲେ। ପ୍ରତିବର୍ଷ ବଜେଟରେ କେନ୍ଦ୍ର ସରକାର ଅର୍ଥନୀତିକୁ ଚାହିଁ ଏହି ଶୁଳ୍କ ହାର ନିର୍ଣ୍ଣୟ କରିଥାଆନ୍ତି।



ସରଳରେ କହିଲେ ଯେତେବେଳେ କୌଣସି ଦ୍ରବ୍ୟ ସାମଗ୍ରୀ ପରିବହନ ଅନ୍ତର୍ଜାତୀୟ ସୀମା ଦେଇ ହୋଇଥାଏ, ସେତେବେଳେ ତା'ଉପରେ ସୀମାଶୁଳ୍କ ଲାଗେ। ଏହାଦ୍ୱାରା ଦେଶ ଭିତରକୁ ଆସୁଥିବା ସାମଗ୍ରୀ ଉପରେ ନଜର ରଖାଯାଇପାରିବା ସହ ଦେଶରେ ନିଷିଦ୍ଧ ଥିବା ଦ୍ରବ୍ୟର ପ୍ରବେଶ ଉପରେ କଟକଣା ଲଗାଇହୁଏ। ସୀମାଶୁଳ୍କ ବ୍ୟବସ୍ଥା ହେତୁ ଦେଶର ଅର୍ଥନୀତିରେ ସ୍ଥିରତା, ଚାକିର, ସୁରକ୍ଷା, ନାଗରିକ ଅଧିକାର ଏବଂ ପରିବେଶର ସୁରକ୍ଷା ସମ୍ଭବ ହୋଇଥାଏ। ସର୍ବୋପରି ଅନ୍ତର୍ଜାତୀୟ ଅବୈଧ କାରବାର ଉପରେ ଏହା ନିୟନ୍ତ୍ରଣ ରଖେ। ଆଜିକାଲି ସୀମାଶୁଳ୍କ ଆଦାୟ ଓ ପୈଠ କ୍ଷେତ୍ରରେ ବ୍ୟାପକ ଠକେଇ ଓ ହେରଫେର ହେଉଥିବା ଅଭିଯୋଗ ହେଉଛି। ନିୟମ ଅନୁଯାୟୀ, ଜଣେ ବିଦେଶରୁ କେଉଁ ଜିନିଷ କିଣିଛନ୍ତି କିମ୍ବା କେଉଁଟି ଉପହାର ପାଇଛନ୍ତି ଅଥବା ବ୍ୟବହୃତ ହୋଇଥିବା ଦ୍ରବ୍ୟ ଆଣିଛନ୍ତି, ତାହା ଦର୍ଶାଇ ଥାଆନ୍ତି। ସୀମାଶୁଳ୍କ ଅଧିକାରୀମାନେ ଏହାର ସତ୍ୟତା ଯାଞ୍ଚ କରି ସଂପୃକ୍ତ ବ୍ୟକ୍ତିଙ୍କୁ କ୍ଲିୟରାନ୍ସ ଦେଇଥାଆନ୍ତି। ସାଇବର ଅପରାଧୀମାନେ ମଧ୍ୟ ବିଦେଶରୁ ଆସୁଥିବା ଭାରତୀୟଙ୍କ ଏହି ବାଟ ଦେଇ ଲୁଟିବା ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ସୀମାଶୁଳ୍କ ପୈଠ ପ୍ରକ୍ରିୟାକୁ ଅନଲାଇନ କରିଛନ୍ତି। ଭାରତ ସରକାର କଷ୍ଟମ ଟାରିଫ ହାରର ଏକ ଡାଟାବେସ ସିବିଆଇସି ଟାରିଫ ପୋର୍ଟାଲ (ୱ୍ୱ୍ୱ.ଋଭସମ.ଶକ୍ଟୱ.ସଭ)ରେ ଉପଲବ୍ଧ କରାଇଛନ୍ତି। କଷ୍ଟମ ଡ୍ୟୁଟି ପୈଠ ଲାଗି ଆଇସିଇଜିଏଟିଇ ପୋର୍ଟାଲ ରହିଛି। ୱ୍ୱ୍ୱ.ସମରଶବଷ୍ମର.ଶକ୍ଟୱ.ସଭ କୁ ଯାଇ ଆପଣ ନିଜ ସାମଗ୍ରୀର କଷ୍ଟମ ଡ୍ୟୁଟି ହାର ନିର୍ଣ୍ଣୟ ସହ ଶୁଳ୍କ ପୈଠ କରିପାରିବେ। ଏହାବାଦ ଯଦି ଆପଣଙ୍କ ସମସ୍ୟା ସମାଧାନ ନ ହେଉଛି ତେବେ ଆପଣ କଷ୍ଟମ ହାଉସ ଏଜେଣ୍ଟଙ୍କ ସହ ଯୋଗାଯୋଗ କରିପାରିବେ ସିଏଚ ଏଗୁଡ଼ିକ ଲାଇସେନ୍ସପ୍ରାପ୍ତ ବୃତ୍ତିଗତ ସଂସ୍ଥା ହୋଇଥିବାରୁ ସେମାନେ ପ୍ରଯୁଜ୍ୟ ଶୁଳ୍କ ହାର ନିର୍ଣ୍ଣୟ କରିବାରେ ଓ କ୍ଲିୟରାନ୍ସରେ ସହାୟତା କରିଥାନ୍ତି। ନହେଲେ ସିବିଆଇସି ହେଲପଲାଇନକୁ କଲ କରି କିମ୍ବା ଇମେଲ କରି ସହାୟତା ଲୋଡ଼ିପାରିବେ। ଅନଲାଇନରେ ଉପଲବ୍ଧ ତଥ୍ୟକୁ ଭଲଭାବେ ପଢ଼ିବା ଦରକାର। ଟାରିଫ ଦେଖି ଶୁଳ୍କ ପୈଠ କଲେ ଲୋକମାନେ ଠକାମିରେ ପଡ଼ିବେ ନାହିଁ। ଅଧିକ ଟ୍ୟାକ୍ସ ଦେବାକୁ ପଡ଼ିବ ନାହିଁ। ଏବେ ଅନଲାଇନ କଷ୍ଟମ ସ୍କାମ ଏକ ବଡ଼ ସମସ୍ୟା ଏସବୁରୁ ବର୍ତ୍ତିବା ପାଇଁ ସଚେତନତା ଜରୁରୀ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
E-mail :
judhister009moharana@gmail.com

# କର୍ମ ଓ କର୍ମଫଳ ଦାତା

ଅନୀତା ପଟ୍ଟନାୟକ

ଅଜି ଜଗନ୍ନାଥ ମନ୍ଦିରର ଚର୍ତୁପାର୍ଶ୍ୱ ଓ ପୁରୀ ସହରକୁ ଏକ ନବ ବଧୂପରି ସଜା ଯାଇଥାଏ। ଶ୍ରୀ ନାମ୍ନୀ ଏକ ମହିଳା ପୁରୀର ସୌନ୍ଦର୍ଯ୍ୟକୁ ଦେଖି ଅଭିଭୂତ ହୋଇପଡ଼ିଥାନ୍ତି। ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ପାଇଁ ଆସୁଥିବାରୁ ଖୁବ ଜନଗହଳି ଦେଖାଦେଇଥାଏ। ସୁରକ୍ଷା ଦୃଷ୍ଟିକୋଣରୁ ପୁରୀ ଶ୍ରୀ ମନ୍ଦିର ଓ ସହର ପୋଲିସ ଛାଉଣୀରେ ପରିଣତ ହୋଇଥାଏ। ଦୂରଦର୍ଶନ ଜରିଆରେ ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଟିଭିର ବ୍ୟବସ୍ଥା କରାଯାଇଥାଏ। ଶ୍ରୀ ଦେଖିଲା ଏକ ସାକ୍ଷାତକାରରେ ଦିବ୍ୟସିଂହଦେବ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ତାଙ୍କୁ ଖୁବ ପ୍ରଶଂସା କରୁଥିଲେ। ଟିଭି ଚ୍ୟାନେଲ ଗୁଡ଼ିକ ୫ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଖୁବ ଶ୍ରେୟ ଦେଉଥାନ୍ତି। ପୁରୀର ଅଭୂତପୂର୍ବ ସାଜସଜା ଶୃଙ୍ଖଳା, ଦର୍ଶନାର୍ଥୀଙ୍କ ପାଇଁ ହୋଇଥିବା ଆୟୋଜନ ପାଇଁ ସରକାରଙ୍କ ସେବାକୁ ଜନସାଧାରଣ, ଖୁବ ପ୍ରଶଂସା କରୁଥିଲେ।

ଶ୍ରୀ ପାନ୍ଥଶାଳାରେ ଶୋଇଥିବା ସମୟରେ ଜଗନ୍ନାଥଙ୍କୁ ସ୍ୱପ୍ନରେ ଦେଖିଲା। ପୁରୀର ସାଜସଜା, ପରିକ୍ରମା ପ୍ରକଳ୍ପ, ପତିତ ମାନଙ୍କ ସାଜସଜା ଓ ତିନି ବିଗ୍ରହଙ୍କର ସାଜସଜା ବିଷୟରେ ଦିନସାରା ଭାବି ଥିବାରୁ ଶ୍ରୀ ଏପରି ଏକ ସ୍ୱପ୍ନ ଦେଖିଥିଲା ବୋଲି ଅନୁମାନ କଲା। ସେ ସ୍ୱପ୍ନରେ ଦେଖିଥିଲା ଜଗନ୍ନାଥ ତାକୁ କହୁଛନ୍ତି ପ୍ରେମର ସହ ଯେଉଁ କର୍ତ୍ତ୍ୟ କରାଯାଏ ତାହା କରଣୀୟ। ସେ କର୍ତ୍ତବ୍ୟକୁ ଆମେ ଭଲ କାମ ବୋଲି ଭାବିପାରିବା। ଏକଥା ସେ କହିଛନ୍ତି କି ନାହିଁ ଶ୍ରୀ ସ୍ୱପ୍ନରେ ଦେଖିଲା ବଡ଼ଭାଇ ବଳଭଦ୍ର କହୁଛନ୍ତି। ଶ୍ରୀ ତୁମେ ଆଜି ମନେରଖ ପ୍ରେମ ବିରହିତ କର୍ମ ସର୍ବଦା ବର୍ଜନୀୟ ପ୍ରେମ ବିରହିତ କର୍ମକୁ ଭୁଲକର୍ମ ବା ଖରାପ କାମ ବୋଲି ଧରାଯାଏ। ଶ୍ରୀ ଦେଖିଲା ମା'ସୁଭଦ୍ରା ତାର ମୁଣ୍ଡକୁ ଆଉଁଷି ଦେଇ କହୁଛନ୍ତି ନିଜର କୌଣସି ସ୍ୱାର୍ଥନଥାଇ ଅନ୍ୟର ମଙ୍ଗଳ ପାଇଁ ଯେଉଁ କର୍ମ କରାଯାଏ ତାହା ଦିବ୍ୟକର୍ମ। ଏପରି କାର୍ଯ୍ୟ ସଂପାଦନ କଲେ ଦିବ୍ୟ ଆଶୀଷ ମିଳେ। ଶ୍ରୀ ସ୍ୱପ୍ନରେ ଦେଖିଲା ତିନି ଠାକୁର ଏପରି କହି ହସ ହସ ମୁହଁରେ ତାକୁ ଚାହିଁଛନ୍ତି। ଶ୍ରୀ ପଚାରିଲା ଆପଣମାନେ କଣ କହିବାକୁ ଚାହୁଁଛନ୍ତି ଯେ କର୍ମ ତିନି ପ୍ରକାରର। ଯଥା ଭଲ କର୍ମ, ମନ୍ଦକର୍ମ ଓ ଦିବ୍ୟ କର୍ମ। ଏହା ବିଜ୍ଞାନ ସମ୍ମତ ଯେ କର୍ମ ଅନୁଯାୟୀ ଫଳପ୍ରାପ୍ତି ହୋଇଥାଏ। କଦଳୀ ଗଛ ପୋତି ସେଥିରେ ପିଜୁଳି ଫଳ ଆଶା କରାଯାଇପାରେ ନା। ଶ୍ରୀ ସ୍ୱପ୍ନରେ ଦେଖିଲା ବଳଭଦ୍ର କହୁଛନ୍ତି ତୁମେ ଠିକ କହିଛ ଶ୍ରୀ ଭଲ କାମର ଭଲଫଳ ମିଳେ। ଖରାପ କର୍ମର ଖରାପ ଫଳ ମିଳେ ଓ ଦିବ୍ୟ କାର୍ଯ୍ୟରେ ଦିବ୍ୟଫଳ ମିଳେ। ଜଗନ୍ନାଥ ଶ୍ରୀକୁ କହିଲେ ଲୋକମାନେ ମତେ ଅଯଥାରେ ନିନ୍ଦା କରନ୍ତି ସେମାନେ ଜନ୍ମ ଜନ୍ମାନ୍ତରର କର୍ମର ଫଳକୁ ଭୋଗ କରୁଥିବା ସମୟରେ ମିଛରେ ମତେ ନିନ୍ଦନ୍ତି ଓ ଗାଳି ଦିଅନ୍ତି। ମାତା ସୁଭଦ୍ରା କହିଲେ ଏଠାକୁ ତ ଅନେକ ଭକ୍ତ ଆସୁଛନ୍ତି ହେଲେ ସେମାନେ ନିଜ ବିଷୟରେ ସଚେତନ ନୁହଁନ୍ତି। ସେମାନେ କର୍ମ ନକରି ଫଳ ଆଶା କରୁଛନ୍ତି। ଜଣେ ମନୁଷ୍ୟ ପ୍ରତିଦିନ ଚିନ୍ତା କରିବା ଉଚିତ ଯେ ସେ କେତୋଟି ଭଲ କାମ, କେତୋଟି ମନ୍ଦକାମ ଓ କେତୋଟି ଦିବ୍ୟକର୍ମ କରିଛି। ଆଜି ଯେଉଁ ଜଗନ୍ନାଥ ପ୍ରକଳ୍ପ ଓ ପୁରୀ ସହରର ସାଜସଜାକୁ ଦେଖି ତୁ ଗଜପତି, ଅଗଣିତ ଭକ୍ତ ମୋର ପ୍ରଶଂସକ ଅଭିଭୂତ ହେଉଛ ଏହା ଏକ ଦିବ୍ୟକର୍ମ। ଏଥିରେ କୌଣସି ସ୍ୱାର୍ଥ ଜଡ଼ିତ ନଥିବାରୁ ମୋ ପ୍ରତି ଉତ୍ସର୍ଗୀକୃତ ହୋଇଥିବାରୁ ଏହା ଭଲକାମ ନୁହେଁ କି ମନ୍ଦ କାର୍ଯ୍ୟ ନୁହେଁ ଏହା ଦିବ୍ୟକାର୍ଯ୍ୟ ସହ ତୁଳନୀୟ । ଶ୍ରୀ ନିଜର ଅତୀତ କର୍ମ ବିଷୟରେ ଚିନ୍ତାକରି ଦୁଃଖିତ ହେଲା। ଜୀବନର ଅନେକ ସମୟ କେବଳ ଭଲକାର୍ଯ୍ୟ ଓ ମନ୍ଦ କାର୍ଯ୍ୟରେ ସାରିଦେଇଥିବାରୁ ଅନୁତପ୍ତ ହେଲା ଏହି କିଛି ଦିନ ହେବ। ଦିଅଁଙ୍କ ଆଗରେ ବସି ସେ ଧ୍ୟାନ କରୁଛି। ମଙ୍ଗଳ ଆଳତୀ ଦେଖିବା ପାଇଁ ଧାଇଁ ଆସୁଛି। ନିଜେ ନଖାଇ ଆନନ୍ଦ ବଜାରରେ ସେ ଧରିଥିବା ଖାଦ୍ୟକୁ ଅନ୍ୟ କେହି ମାଗିଲେ ଦେଇ ପାରୁଛି। କିଛିଟା ବସ୍ତ୍ର ସେ ଦୁଃଖିରଙ୍କୁ ଦେଇ ପାରିଛି କିନ୍ତୁ ଏତିକି ସ୍ୱାର୍ଥବିରହିତ ପ୍ରେମଯୁକ୍ତ କର୍ତ୍ତବ୍ୟ କଣ ଭଗବାନଙ୍କୁ ପାଇବା ପାଇଁ ଯଥେଷ୍ଟ ? ସେ ସ୍ୱପ୍ନରେ ଦେଖୁଛି ତିନି ଠାକୁର କହୁଛନ୍ତି ତାହା ଯଥେଷ୍ଟ ନଥିଲେ ଆମେ ତୋ ସ୍ୱପ୍ନରେ ଆସିନଥାନ୍ତୁ। ଏପରି କର୍ମକୁ ତୁ ତୋର ଜୀବନର ବ୍ରତ ଭାବେ ଗ୍ରହଣ କର। ଶ୍ରୀର ସ୍ୱପ୍ନ ଭାଙ୍ଗିଗଲା। ସନ୍ଧ୍ୟା ଆଳତୀର ସମୟ ହୋଇଯାଇ ଥିବାରୁ ସେ ତର ତର ହୋଇ ପାନ୍ଥାଶାଳାରୁ ବାହାରି ଆସିଲା।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬



# ବାଂଲାଦେଶୀ ଅନୁପ୍ରବେଶକାରୀ ବଞ୍ଚାଅ ଯାତ୍ରା କରୁଛନ୍ତି ରାହୁଲ

**ନୂଆଦିଲ୍ଲୀ,୨୧।୯** କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର (୧୮ ସେପ୍ଟେମ୍ବର ୨୦୨୫) ଦିନ ଭୋଟ ଚୋରି ଅଭିଯୋଗକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି । ସେ ରାହୁଲଙ୍କ ଭୋଟର ଅଧିକାର ଯାତ୍ରାକୁ 'ଅନୁପ୍ରବେଶକାରୀ ବଞ୍ଚାଓ ଯାତ୍ରା' ବୋଲି ଅଭିହିତ କରିଛନ୍ତି । ବିହାରର ରୋହତାସରେ କର୍ମୀମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ କଂଗ୍ରେସ ପାର୍ଟି ବିକାଶର ପ୍ରସଙ୍ଗକୁ ଅଣଦେଖା କରି ବାଂଲାଦେଶରୁ ଆସୁଥିବା ଅବୈଧ ଅନୁପ୍ରବେଶକାରୀମାନଙ୍କୁ ସୁରକ୍ଷା ଦେବାରେ ଲାଗିଛି । ଶାହ କହିଛନ୍ତି, କଂଗ୍ରେସ ପ୍ରତିଥର ମିଥ୍ୟା ବାଖ୍ୟାନ ପ୍ରଚାର କରେ । ରାହୁଲ ଗାନ୍ଧୀ ଗୋଟିଏ ଯାତ୍ରା କରିଥିଲେ... ତାଙ୍କ ଯାତ୍ରାର ବିଷୟ



ପ୍ରକୃତରେ ଭୋଟ ଚୋରି ନଥିଲା, ଉତ୍ତମ ଶିକ୍ଷା, ରୋଜଗାର, ବିଜୁଳି, ରାସ୍ତା ମଧ୍ୟ ନଥିଲା, ବରଂ ଉଦ୍ଦେଶ୍ୟ ଥିଲା ବାଂଲାଦେଶରୁ ଆସିଥିବା ଅବୈଧ ଅନୁପ୍ରବେଶକାରୀମାନଙ୍କୁ ବଞ୍ଚାଇବା । ଏହା ଥିଲା ରାହୁଲ ଗାନ୍ଧୀଙ୍କର 'ଅନୁପ୍ରବେଶକାରୀ ବଞ୍ଚାଓ ଯାତ୍ରା' । କଂଗ୍ରେସର ଯାତ୍ରା ଉପରେ ପ୍ରଶ୍ନ ଉଠାଇ ଗୃହମନ୍ତ୍ରୀ ଅମିତ ଶାହ ପଚାରିଛନ୍ତି, ଅନୁପ୍ରବେଶକାରୀମାନଙ୍କୁ କ'ଣ ଭୋଟ ଦେବାର ଅଧିକାର କିମ୍ବା ମାଗଣା ରାସନ ମିଳିବା ଉଚିତ ? ଅନୁପ୍ରବେଶକାରୀମାନଙ୍କୁ କ'ଣ ଚାକିରୀ, ଘର, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ମିଳିବା ଉଚିତ ? ଆମର ଯୁବକମାନଙ୍କ ବଦଳରେ ରାହୁଲ ଗାନ୍ଧୀ ଭୋଟ ବ୍ୟାଙ୍କ ଅନୁପ୍ରବେଶକାରୀମାନଙ୍କୁ ଚାକିରୀ ଦେଉଛନ୍ତି ।

# କାର୍ ଉପରେ ଲକ୍ଷ ଲକ୍ଷ ଟଙ୍କା ହ୍ରାସ କଲା ମାରୁତି ସୁଜୁକି

**ନୂଆଦିଲ୍ଲୀ,୨୧।୯** ଜୀବନରେ କିଛି ହଉ କି ନ ହଉ; ନିଜ ନାମରେ ଘର ଓ ଗାଡ଼ିଟିଏ କରିବାର ସ୍ୱପ୍ନ କାହାର ବା ନଥାଏ । ଘର ତ ଅତି ବଡ଼ ସ୍ୱପ୍ନ। ହେଲେ ଚାରିଚକିଆ ଗାଡ଼ି ଚଳାଇବାର ଇଚ୍ଛା ଆଜିକାଲି ପ୍ରାୟ ସଭିଙ୍କ ଭିତରେ । ହେଲେ ଟଙ୍କାକୁ ଡରି ଲୋକେ ନିଜ ସ୍ୱପ୍ନକୁ ମାରିପକାନ୍ତି । ଏବେ କିନ୍ତୁ ଆଉ କାହାକୁ ତାଙ୍କ ସ୍ୱପ୍ନ ମାରିବାକୁ ପଡ଼ିବ ନାହିଁ। କାରଣ ଗାଡ଼ି ଦରରକୁ ଲକ୍ଷ ଲକ୍ଷ ଟଙ୍କା କମ୍ କରିଦେଇଛି ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ସୁଜୁକି ଆଜି ଏହାର କାର୍ଗୁଡ଼ିକର ମୂଲ୍ୟ ହ୍ରାସ ଘୋଷଣା କରିଛି । କମ୍ପାନି ଘୋଷଣା କରିଛି ଯେ ମାରୁତି ୱାଗନ-ଆର ଠାରୁ ଆରମ୍ଭ କରି ଅଲ୍ଟୋ ଏବଂ ଇଗ୍ନିସ୍ ଭଳି ଛୋଟ କାରଗୁଡ଼ିକର ମୂଲ୍ୟ ୧.୨୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରାଯାଇଛି । କାରର ମୂଲ୍ୟରେ ଏହି ହ୍ରାସ ସେପ୍ଟେମ୍ବର ୨୨ ତାରିଖରୁ ଲାଗୁ ହେବ।ମାରୁତି ସୁଜୁକି ଦ୍ୱାରା ଜାରି ଏକ ସରକାରୀ ବିବୃତିରେ କୁହାଯାଇଛି ଯେ ସାମ୍ପ୍ରତିକ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍ଟି) ର ଲାଭ ସିଧାସଳଖ ଗ୍ରାହକମାନଙ୍କୁ ଦିଆଯିବ । ଏହାକୁ ନେଇ କମ୍ପାନି ତାର ପୋର୍ଟଫୋଲିଓରେ ଅନ୍ତର୍ଭୁକ୍ତ ମଡେଲଗୁଡ଼ିକର ମୂଲ୍ୟ ହ୍ରାସ ଘୋଷଣା କରିଛି । ତେବେ ଆସନ୍ତୁ ଦେଖିବା କେଉଁ କାରର ମୂଲ୍ୟ କେତେ ହ୍ରାସ ପାଇଛି । ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ (ମାର୍କେଟିଂ ଏବଂ ବିକ୍ରୟ) ପାର୍ଥୋ ବାନାର୍ଜୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, କାରର ମୂଲ୍ୟ ହ୍ରାସ କରାଯିବ। ମୂଲ୍ୟ ହ୍ରାସରେ ଗାଡ଼ିର ବୈଶିଷ୍ଟ୍ୟ ଏବଂ ପ୍ରଯୁକ୍ତିବିଦ୍ୟାରେ କୌଣସି ପରିବର୍ତ୍ତନ ଅନ୍ତର୍ଭୁକ୍ତ ନୁହେଁ ।ଏହି ନୂତନ ମୂଲ୍ୟ ଅପଡେଟ୍ ପରେ, ଅଲ୍ଟୋ କେ୧୦ ଆଉ ମାରୁତି ସୁଜୁକିର ସବୁଠାରୁ ଶସ୍ତା କାର ନୁହେଁ । ପ୍ରକୃତରେ, ମାରୁତି ଏସ୍-ପ୍ରେସୋ ଏବେ କମ୍ପାନିର ପୋର୍ଟଫୋଲିଓରେ ସବୁଠାରୁ ଶସ୍ତା କାର ପାଲଟିଛି । ଏହି କାରର ସର୍ବାଧିକ ମୂଲ୍ୟ "୧,୨୯,୬୦୦ ହ୍ରାସ ପାଇ ୩୪୯,୯୦୦ ଟଙ୍କାରେ ପହଞ୍ଚିଛି।

# ଭାରତ-ପାକ୍ ଯୁଦ୍ଧରେ ସାମିଲ ହେବ ସାଉଦି ଆରବ

**ନୂଆଦିଲ୍ଲୀ,୨୧।୯** ଭାରତ ଦ୍ୱାରା ପରାଜିତ ପାକିସ୍ତାନ ଏବେ ସାଉଦି ଆରବରେ ଆଶ୍ରୟ ନେଇଛି । ଅପରେସନ୍ ସିନ୍ଦୂର ପାକିସ୍ତାନକୁ ଖୁବ୍ କନ୍ଦାଇଛି । ଭାରତ ପାକିସ୍ତାନକୁ ତା'ର ସ୍ଥାନ ଦେଖାଇଦେଇଛି । ଏବେ, ପାକିସ୍ତାନ ଭାରତଠୁ ରକ୍ଷା ପାଇବାକୁ ଚେଷ୍ଟା କରୁଛି । ସାଉଦି ଆରବ ସହ ହାତ ମିଳାଇଛି । ପାକିସ୍ତାନ ଏବଂ ସାଉଦି ଆରବ ବୁଧବାର ଦିନ ଏକ ପ୍ରମୁଖ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛନ୍ତି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ଏହି ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛନ୍ତି । ଏହି ପ୍ରତିରକ୍ଷା ଚୁକ୍ତିର ଅର୍ଥ ହେଉଛି ଯୁଦ୍ଧ କିମ୍ବା ଆକ୍ରମଣ ପରିସ୍ଥିତିରେ ଉଭୟ ଦେଶ ପରସ୍ପରକୁ ସାହାଯ୍ୟ କରିବେ । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବାକୁ ଅକ୍ଟୋବର ୧୭ ତାରିଖରେ ସାଉଦି ଆରବରେ ପହଞ୍ଚିଥିଲେ । ସାଉଦି ଆରବ ତାଙ୍କୁ ରାଜକୀୟ ସ୍ୱାଗତ କରିଥିଲା । ବର୍ତ୍ତମାନ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବା ପରେ, ପାକିସ୍ତାନ ବେଶ୍ ଉତ୍ସାହିତ ଅଛି । ଏବେ ପ୍ରଶ୍ନ ହେଉଛି, ଏହି ପ୍ରତିରକ୍ଷା ଚୁକ୍ତି କ'ଣ ? ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ ତେବେ ସାଉଦି ଆରବ ମଧ୍ୟ ଏଥିରେ ସାମିଲ ହେବ କି ? ପାକିସ୍ତାନ ଏବଂ ସାଉଦି ଆରବ ବୁଧବାର ଦିନ ଏକ ପ୍ରତିରକ୍ଷା ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଏହି ପ୍ରତିରକ୍ଷା ଚୁକ୍ତିନାମା ଅନୁଯାୟୀ, ଉଭୟ ଦେଶ ଉପରେ ଆକ୍ରମଣକୁ ଉଭୟ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ। ପାକିସ୍ତାନ



ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଏହି ଚୁକ୍ତିନାମା କେବଳ ମିଳିତ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବ ନାହିଁ ବରଂ ବିଶ୍ୱ ଏବଂ ଆଞ୍ଚଳିକ ଶାନ୍ତି ପ୍ରତି ଦୁଇ ଦେଶର ସହଭାଗୀ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରିବ । ଯଦି ଆମେ ଏହି ଚୁକ୍ତିକୁ ଦେଖିବା, ତେବେ ପ୍ରଥମ ଉତ୍ତର ହେଉଛି ହଁ । ପ୍ରତିରକ୍ଷା ଚୁକ୍ତିନାମାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ଯଦି ପାକିସ୍ତାନ ଉପରେ ଆକ୍ରମଣ ହୁଏ, ତେବେ ସାଉଦି ଆରବ ଏହାକୁ ସମର୍ଥନ କରିବ, ଏବଂ ଯଦି ସାଉଦି ଆରବ ଉପରେ ଆକ୍ରମଣ ହୁଏ, ତେବେ ପାକିସ୍ତାନ ଏହାକୁ ସମର୍ଥନ କରିବ । ତେଣୁ, ଯଦି ଭବିଷ୍ୟତରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ, ତେବେ ଏହା ନିଶ୍ଚିତ ଯେ ସାଉଦି ଆରବ ମଧ୍ୟ ପାକିସ୍ତାନ ପକ୍ଷରୁ ଯୁଦ୍ଧରେ ସାମିଲ ହେବ। ଏହି ଚୁକ୍ତି ସାଉଦି ଆରବକୁ ଅସୀମ ମୁନିରଙ୍କୁ ସମର୍ଥନ କରିବାକୁ ବାଧ କରିବ । ଭାରତ ପୂର୍ବରୁ କହିସାରିଛି ଯେ ଅପରେସନ ସିନ୍ଦୂର ଏବେ ବି ଚାଲିଛି । ଯଦି ମେ ମାସରେ ଅପରେସନ ସିନ୍ଦୂର ପୁନରାରମ୍ଭ ହୁଏ, ତେବେ ଏହା ନିଶ୍ଚିତ ଯେ ସାଉଦି ଆରବ ମଧ୍ୟ ପାକିସ୍ତାନକୁ ସମର୍ଥନ କରିବ । ତଥାପି, ଭାରତ ସହିତ ସାଉଦି ଆରବର ସମ୍ପର୍କକୁ ଦୃଷ୍ଟିରେ ରଖି, ବର୍ତ୍ତମାନ କିଛି କହିବା ଠିକ୍ ହେବ ନାହିଁ ।

# ମୋଦୀ ଜଣେ ଅବତାରୀ ପୁରୁଷ: ଅମ୍ବାନୀ

**ନୂଆଦିଲ୍ଲୀ,୨୧।୯** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ଶିଳ୍ପ ଜଗତର ଅନେକ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୁଖ୍ୟ ମୁକେଶ ଅମ୍ବାନୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭଗବାନ ପଠାଇଥିବା ଜଣେ ଅବତାରୀ ପୁରୁଷ ବୋଲି କହିଛନ୍ତି । ମୁକେଶ କହିଛନ୍ତି ଯେ ଆଜି ହେଉଛି ୧୪୫ କୋଟି ଭାରତୀୟଙ୍କ ପାଇଁ ଉତ୍ସବର ଦିନ। ସ୍ୱାଧୀନ ଭାରତ ୧୦୦ ବର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ ସେ ଭାରତର ସେବା କରୁଥାନ୍ତୁ । ଆମ ଜନ୍ମଭୂମିକୁ ଦୁନିଆର ଶ୍ରେଷ୍ଠ ଦେଶରେ ପରିଣତ କରିବାର ନେତୃତ୍ୱ ନେବା ଲାଗି ସର୍ବଶକ୍ତିମାନ ଭଗବାନ ନିଜେ ମୋଦୀଙ୍କୁ ଅବତାରୀ ପୁରୁଷ ଭାବେ ପଠାଇଥିବା ମୁକେଶ କହିଛନ୍ତି । ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ ମଧ୍ୟ ମୋଦୀଙ୍କୁ ଶୁଭେଚ୍ଛା ଜଣାଇ



ତାଙ୍କ ସୁସ୍ଥକର ଜୀବନ କାମନା କରିଛନ୍ତି। ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଗ୍ରୁପର ମୁଖ୍ୟ ଆନନ୍ଦ ମହିନ୍ଦ୍ରା ଶୁଭେଚ୍ଛା ଜଣାଇ ଲେଖିଛନ୍ତି ଯେ ଭାରତ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଭଲ ପାଇବାରେ କେଣସି ଦ୍ୱନ୍ଦ୍ୱ ନାହିଁ । ଆପଣଙ୍କ ନିରବଚ୍ଛିନ୍ନ କଠିନ ପରିଶ୍ରମକୁ ପ୍ରତି ଦିନ ସବୁ ଭାରତୀୟ ଦେଖୁଛନ୍ତି । କୁମାର ମଙ୍ଗଳମ ବିର୍ଲା ମଧ୍ୟ ନିଜ ଶୁଭେଚ୍ଛା ବାର୍ତ୍ତାରେ ମୋଦୀଙ୍କ ଅର୍ଥନୈତିକ ବୁଝାମଣା କିଭଳି ପ୍ରଖର ତାହା ଜଣାଇଛନ୍ତି । ସେ ଲେଖିଛନ୍ତି ଯେ ତାଙ୍କୁ ଭେଟିବା ପୂର୍ବରୁ ଭଲ ଭାବେ ପ୍ରସ୍ତୁତ ହୋଇ ଯିବା ଦରକାର । ଅନ୍ୟଥା କିଛି ଭୁଲ ତଥ୍ୟ ଉପସ୍ଥାପନ କଲେ ସେ ସଙ୍ଗେ ସଙ୍ଗେ ଧରିଦେବେ। କୋଟକ୍ ମହିନ୍ଦ୍ରା ବ୍ୟାଙ୍କର ପ୍ରତିଷ୍ଠାତା ଉଦୟ କୋଟକ୍, ଆର୍ପି ସଞ୍ଜୀବ ଗୋଏଙ୍କା ଗ୍ରୁପର ଅଧ୍ୟକ୍ଷ ସଞ୍ଜୀବ ଗୋଏଙ୍କା, ଇନ୍ଫୋସିସର ସହ ପ୍ରତିଷ୍ଠାତା ମୋହନଦାସ ପାଇ ଓ ପେଟିଏମର ପ୍ରତିଷ୍ଠାତା ବିଜୟ ଶେଖର ଶର୍ମାଙ୍କ ସମେତ ବହୁ ସଂଖ୍ୟାରେ ଶିଳ୍ପପତି ଓ ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି ।

# ଭାରତ ଉପରେ ଆମେରିକା କମାଇବ ୨୫ ପ୍ରତିଶତ ଟାରିଫ !

**ନୂଆଦିଲ୍ଲୀ,୨୧।୯** ଭାରତର ମୁଖ୍ୟ ଆର୍ଥିକ ପରାମର୍ଶଦାତା ଅନନ୍ତା ନାଗେଶ୍ୱରନ କହିଛନ୍ତି କି, ଆମେରିକା ଭାରତ ଉପରେ ଲଗାଇଥିବା ଟାରିଫରୁ ଖୁବ୍ କମଦିନ ମଧ୍ୟରେ ୨୫ ପ୍ରତିଶତ କମାଇବ । ଏହାସହ ଭାରତ ଉପରେ ଆମେରିକା ଲଗାଇଥିବା ରେସିପ୍ରୋକଲ ଡ୍ୟୁଟି ମଧ୍ୟ ୨୫ ପ୍ରତିଶତରୁ କମାଇ ୧୦ କି ୧୫ ପ୍ରତିଶତ ରଖିବ । କୋଲକାତାର ଏକ କାର୍ଯ୍ୟକ୍ରମରେ ନାଗେଶ୍ୱରନ କହିଛନ୍ତି ତାଙ୍କର ପୂରା ଭରସା ରହିଛି କି ଆଗାମୀ କିଛି ମାସ ମଧ୍ୟେ ର କି ତା ପୂର୍ବରୁ ବି ଆମେରିକା ପ୍ୟାନେଲ ଟାରିଫ୍ କମାଇବା ଉପରେ ବିଚାର କରିପାରେ । ଏହାସହ



ରେସିପ୍ରୋକଲ ଡ୍ୟୁଟି ମଧ୍ୟ ଯାହା ପୂର୍ବରୁ ଆଶା କରାଯାଉଥିଲା ସେହି ସ୍ତରକୁ ଆସିପାରେ। ଯଦି ବାସ୍ତବରେ ଆମେରିକା ଏଭଳି ନିଷ୍ପତ୍ତି ନିଏ ତେବେ ଭାରତୀୟ ବ୍ୟବସାୟୀଙ୍କୁ ବଡ଼ ଆଶ୍ୱସ୍ତି ମିଳିବ । ଏହା ସହ ଉଭୟ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ମଜବୁତ ହେବ । ଟାରିଫ୍ କମ୍ କରାଗଲେ ଭାରତର ଷ୍ଟିଲ ଆଲୁମିନିୟମ ଓ ଶିଳ୍ପ ଉତ୍ପାଦକୁ ଆମେରିକା ବଜାରରେ ସହଜରେ ସ୍ଥାନ ମିଳିଯିବ ।

# ତାମିଲନାଡୁ ଆସିଲେ କଙ୍ଗନାଙ୍କୁ ଚପୁଡ଼ା ମାରିବ

**ନୂଆଦିଲ୍ଲୀ,୨୧।୯** ତାମିଲନାଡୁ ଆସିଲେ କଙ୍ଗନାଙ୍କୁ ଚପୁଡ଼ା ମାରିବ । ବଲିଉଡ ଅଭିନେତ୍ରୀ କଙ୍ଗନା ରାନାୱତଙ୍କୁ ନେଇ ଏଭଳି କହିଲେ ପୂର୍ବତନ ତାମିଲନାଡୁ କଂଗ୍ରେସ ମୁଖ୍ୟ କେ.ଏସ୍. ଆଲାଗିରି । ସେ କହିଛନ୍ତି ଯେ, ବଲିଉଡ୍ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାୱତ ଯଦି କେବେ ଦକ୍ଷିଣ ରାଜ୍ୟ ଗସ୍ତ କରନ୍ତି ତେବେ ତାଙ୍କୁ ଚପୁଡ଼ା ମାରିବାକୁ ଭୁଲିବ ନାହିଁ । ମହିଳା କର୍ମୀଙ୍କ ବିଷୟରେ ଅତୀତରେ ସେ ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ତାଙ୍କର ଅହଂକାର ବହୁତ। କିଛି ମାସ ତଳେ କଙ୍ଗନା କହିଥିଲେ ଯେ, ମହିଳା କର୍ମୀମାନଙ୍କୁ ୧୦୦ଟଙ୍କା ଦେଇ ବିରୋଧ ପ୍ରଦର୍ଶନରେ ଅଂଶଗ୍ରହଣ କରିବାକୁ ଡକାଯାଇପାରିବ । ତାଙ୍କର ଏହି ବୟାନକୁ ନେଇ ଆଲାଗିରି ତାଙ୍କୁ ଏବେ ସମାଲୋଚନା କରିଛନ୍ତି। ବିଜେପି ସାଂସଦ କଙ୍ଗନାଙ୍କୁ ସମାଲୋଚନା କରି କଂଗ୍ରେସ ନେତା କହିଛନ୍ତି, କଙ୍ଗନା ରାଣାୱତ ଅନେକ ଥର



ଏପରି ବିବାଦୀୟ କଥା କହିଛନ୍ତି । ତାଙ୍କର ଏଭଳି ବିବାଦୀୟ କଥା କହିବା ଗୁଣ ପାଇଁ ଦିଲ୍ଲୀ ବିମାନବନ୍ଦରରେ ଜଣେ ମହିଳା ସିଆଇଏସଏଫ କର୍ମଚାରୀ ତାଙ୍କୁ ଚପୁଡ଼ା ମାରିଥିଲେ । ଯେତେବେଳେ ସେ ଏଠାକୁ ଆସିବେ, ଆପଣମାନେ ସେ କହିଥିବା କଥାକୁ ଭୁଲି ନଯାଇ ତାଙ୍କୁ ଚପୁଡ଼ା ମାରିବେ । ଉଲ୍ଲେଖଯୋଗ୍ୟ, ରାଣାୱତ ୨୦୨୦ ମସିହାରେ ହୋଇଥିବା କୃଷକଙ୍କ ଆନ୍ଦୋଳନ ସମୟରେ ଏକ୍ସରେ ମହିଳା କର୍ମୀମାନଙ୍କ ବିଷୟରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ବର୍ତ୍ତମାନ ରଦ୍ଦ ହୋଇସାରିଥିବା କୃଷି ଆଇନ ବିରୁଦ୍ଧରେ ୨୦୨୦ ମସିହାରେ କୃଷକଙ୍କ ପ୍ରତିବାଦ ଚରମ ସୀମାରେ ପହଞ୍ଚିଥିଲା । ଏହି ସମୟରେ ଏକ ଟ୍ୱିଟ୍ ମାଧ୍ୟମରେ ୭୩ ବର୍ଷୀୟ ଚାଷୀ ମୋହିନ୍ଦର କୌରଙ୍କୁ ଅପମାନିତ କରିଥିଲେ କଙ୍ଗନା । ଅଭିନେତ୍ରୀ, କୌରଙ୍କୁ ଶାହିନ ବାଗରେ ହୋଇଥିବା ପ୍ରତିବାଦର ଚର୍ଚ୍ଚିତ ଚେହେରା ବିଲକିସ୍ ବାନୋ ବୋଲି ଭାବିଥିଲେ। କୌରଙ୍କୁ ଚିହ୍ନିନପାରି ସେ କହିଥିଲେ ଯେ, ଏପରି ମହିଳାଙ୍କୁ ୧୦୦ଟଙ୍କାରେ ପ୍ରତିବାଦରେ ଅଂଶଗ୍ରହଣ କରିବାକୁ ଡକାଯାଇପାରିବ ।

# ଦିଲ୍ଲୀରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପାଇଁ ପ୍ରସ୍ତୁତି

**ନୂଆଦିଲ୍ଲୀ,୨୧।୯** ବିହାର ପରେ ଦିଲ୍ଲୀରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-ଏସଆଇଆର୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ କମିସନ ୨୦୦୨ ମସିହାର ଭୋଟର ତାଲିକାକୁ ନିର୍ବାଚନମଣ୍ଡଳୀ ସହ ମିଶାଇ ୱେବସାଇଟରେ ଅପଲୋଡ୍ କରିଛନ୍ତି । ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଦେଶବ୍ୟାପୀ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପାଇଁ ପୂର୍ବରୁ ନିର୍ବାଚନ କମିସନ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ ଡାକି ପ୍ରସ୍ତୁତ ରହିବାକୁ କହିଥିଲେ । ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପାଇଁ ଚଳିତ ମାସ ଶେଷ କିମ୍ବା ଆସନ୍ତା ମାସ ଆରମ୍ଭରେ ଘୋଷଣା କରାଯିବାର ସମ୍ଭାବନା ରହିଛି ।

# ମାତା ବୈଷ୍ଣୋଦେବୀଙ୍କ ଯାତ୍ରା ପୁଣି ଆରମ୍ଭ

**ନୂଆଦିଲ୍ଲୀ,୨୧।୯** ଦୀର୍ଘ ୩ ସପ୍ତାହର ବ୍ୟବଧାନ ପରେ ପୁଣି ଆରମ୍ଭ ହୋଇଛି ମାତା ବୈଷ୍ଣୋଦେବୀଙ୍କ ଯାତ୍ରା । ୨୨ ଦିନ ଯାତ୍ରା ବନ୍ଦ ରହିବା ପରେ ଗତକାଲିଠାରୁ ପୁଣି ଆରମ୍ଭ ହୋଇଛି ଯାତ୍ରା । ଆଜି ଦ୍ୱିତୀୟ ଦିନରେ ପୀଠ ଅଭିମୁଖେ ଯାତ୍ରା କରିଛନ୍ତି ଶ୍ରଦ୍ଧାଳୁ । ସେପ୍ଟେମ୍ବର ୨୨ରୁ ଅକ୍ଟୋବର ପହିଲା ପର୍ଯ୍ୟନ୍ତ ନବରାତ୍ରି ମହୋତ୍ସବ ପୂର୍ବରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି । ଗତ ୨୬ ଅଗଷ୍ଟରେ ଅର୍ଦ୍ଧକୁଆରୀ ନିକଟରେ ହୋଇଥିବା ଭୂସ୍ଖଳନ ଯୋଗୁଁ ୨୨ ଦିନ ପାଇଁ ସ୍ଥଗିତ ରହିବା ପରେ ମାତା ବୈଷ୍ଣୋ ଦେବୀଙ୍କ ତୀର୍ଥଯାତ୍ରା ପୁଣି ଆରମ୍ଭ ହୋଇଛି । ପ୍ରଶାସନକୁ ସହଯୋଗ କରିବାକୁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

# ବାଂଲାଦେଶରେ ୟୁନୁସ ସରକାର ବିରୋଧରେ ବିକ୍ଷୋଭ

**ନୂଆଦିଲ୍ଲୀ,୨୧।୯** ବାଂଲାଦେଶ ଶିକ୍ଷା ବ୍ୟବସ୍ଥା ବର୍ତ୍ତମାନ ଏକ ବଡ଼ ବିବାଦରେ ଫସିଛି । ମହମ୍ମଦ ୟୁନୁସ ପ୍ରଶାସନ ଜାତୀୟ ଶିକ୍ଷା ନୀତି ଅଧୀନରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ସଙ୍ଗୀତ ଏବଂ ନୃତ୍ୟ ଶିକ୍ଷକ ନିଯୁକ୍ତି ପ୍ରସ୍ତାବ ଦେଇଛି। ଏହାର ଲକ୍ଷ୍ୟ ପିଲାମାନଙ୍କୁ କଳା, ସଂସ୍କୃତି ଏବଂ ସୃଜନଶୀଳ ଶିକ୍ଷା ସହିତ ଯୋଡ଼ିବା । କିନ୍ତୁ, ଜମାତ-ଏ-ଇସଲାମି, ଖିଲାଫତ ମଜଲିସ୍ ଏବଂ ବାଂଲାଦେଶ ଖିଲାଫତ ଆନ୍ଦୋଳନ ଭଳି ଗୋଷ୍ଠୀ ବିରୋଧ ପ୍ରଦର୍ଶନ କରିଛନ୍ତି । ସଂଗଠନଗୁଡ଼ିକ କହିଛନ୍ତି ଯେ, କମ୍ ବୟସରେ ସଙ୍ଗୀତ ଏବଂ ନୃତ୍ୟ ଶିଖିବା ଧାର୍ମିକ ଶିକ୍ଷାକୁ ଦୁର୍ବଳ କରିବ । ଏହା ପିଲାମାନଙ୍କୁ ନାସ୍ତିକ କରିପାରେ ଏବଂ ପରବର୍ତ୍ତୀ ପିଢ଼ି ଇସଲାମରେ ବିଶ୍ୱାସ ହରାଇପାରନ୍ତି । ବିଦ୍ୟାଳୟଗୁଡ଼ିକରେ ଧାର୍ମିକ ଏବଂ ନୈତିକ ଶିକ୍ଷାକୁ ବାଧ୍ୟତାମୂଳକ କରାଯିବା ଉଚିତ । ଯଦି ଏହି ନୀତି ଜାରି ରହେ, ତେବେ ବାଂଲାଦେଶର ଭବିଷ୍ୟତ ବିପଦରେ ପଡ଼ିବ





। ଇସଲାମିକ୍ ଆନ୍ଦୋଳନ ବାଂଲାଦେଶର ଆମିର ସୟଦ ରେଜାଉଲ୍ କରିମ୍ କହିଛନ୍ତି ଯେ, ସଙ୍ଗୀତ ଏବଂ ନୃତ୍ୟ ପିଲାମାନଙ୍କ ମଧ୍ୟରେ ଦୁର୍ନୀତି ଏବଂ ନୈତିକ ଅବନତୀକୁ ପ୍ରୋତ୍ସାହିତ କରିବ । ଗୋଷ୍ଠୀଗୁଡ଼ିକ ୟୁନୁସ୍ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ଯେ, ଯଦି ପ୍ରାଥମିକ ବିଦ୍ୟାଳୟରେ କଳା ଶିକ୍ଷକ ନିଯୁକ୍ତି କରାଯାଏ, ତେବେ ସେମାନେ ଏହାର ପ୍ରତିବାଦ କରିବେ ଏବଂ ଧାର୍ମିକ ଶିକ୍ଷକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ପ୍ରତିବାଦ କରିବେ । ଆନ୍ଦୋଳନ ଜାରି ରଖିବେ । ଏହି ପଦକ୍ଷେପ ଇସଲାମ ଏବଂ କୋରାନର ନୀତି ବିରୁଦ୍ଧରେ ବୋଲି ସେମାନେ ଦାବି କରିଛନ୍ତି ।

# ଭାରତରେ ପ୍ରସ୍ତୁତ ହେଲା ପ୍ରଥମ ମ୍ୟାଲେରିଆ ଭ୍ୟାକ୍ସିନ

**ନୂଆଦିଲ୍ଲୀ,୨୧।୯** ମ୍ୟାଲେରିଆ ବିରୋଧରେ ଲଢ଼ିବାରେ ଭାରତ ଐତିହାସିକ ପଦକ୍ଷେପ ନେଇଛି । ଏଣିକି ଆହୁରି ସହଜ ହେବ ମ୍ୟାଲେରିଆ ନିରାକରଣ । ଏହି ଟିକା ବର୍ତ୍ତମାନ ଉପଲବ୍ଧ ଥିବା ଔଷଧ ତୁଳନାରେ ବେଶ୍ ପ୍ରଭାବୀ ରହିବ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଦେଶରେ ନିର୍ମିତ ପ୍ରଥମ ମ୍ୟାଲେରିଆ ଟିକାକୁ ଅନୁମୋଦନ ଦେଇଛି । ଆଡଫାଲସିଭାକ୍ସ ନାମକ ଏହି ଟିକା ଏକକାଳୀନ ମ୍ୟାଲେରିଆର ଅନେକ ପର୍ଯ୍ୟାୟକୁ ନଷ୍ଟ କରିବା ସହ ରୋଗୀଙ୍କୁ ସୁରକ୍ଷା ଦେବାର କ୍ଷମତା ବଜାୟ ରଖେ । ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ଟିକା ୨୦୩୦ ସୁଦ୍ଧା ମ୍ୟାଲେରିଆ ଦୂର କରିବାରେ ଏକ ବଡ଼ ସହାୟକ ପ୍ରମାଣିତ ହେବ । ଆଡଫାଲସିଭାକ୍ସ ନାମକ ଏହି ଟିକା ଭାରତର ପ୍ରଥମ ଟିକା ଯାହା ସବୁଠାରୁ ଘାତକ ମ୍ୟାଲେରିଆ ଜୀବାଣୁ, ପ୍ଲାଜମୋଡିୟମ୍





ଫାଲସିପେରମରୁ ସୁରକ୍ଷା ଦେବା ଲାଗି ଡିଜାଇନ୍ କରାଯାଇଛି । ଏହି ଟିକା ରକ୍ତରେ ପହଞ୍ଚିବା ପୂର୍ବରୁ ମ୍ୟାଲେରିଆ। ଜୀବାଣୁକୁ ଶରୀର ଭିତରକୁ ଯିବାକୁ ପ୍ରତିରୋଧ କରେ । ଏହା କେବଳ ବ୍ୟକ୍ତିକୁ ମ୍ୟାଲେରିଆରୁ ରକ୍ଷା କରେ ନାହିଁ, ବରଂ ଏହି ଟିକା ଏହି ରୋଗକୁ ଅନ୍ୟମାନଙ୍କୁ ବ୍ୟାପିବାରୁ ମଧ୍ୟ ରୋକେ । ଆଡାଫାଲସିଭାକ୍ସ ବିଷୟରେ ଆଉ ଏକ ବିଶେଷ କଥା ହେଉଛି ଏହାର ମୂଲ୍ୟ ବହୁତ କମ୍ । ତେଣୁ ଏହାକୁ ବହୁ ପରିମାଣରେ ତିଆରି କରାଯାଇପାରିବ ଏବଂ ଏହା ରୁମ୍ ଟେମ୍ପରେଟରରେ ୯ ମାସରୁ ଅଧିକ ସମୟ ପାଇଁ ସଂରକ୍ଷିତ କରି ରଖାଯାଇପାରିବ । ତେଣୁ, ଏହି ଟିକା ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ସହଜରେ ଉପଲବ୍ଧ ହୋଇପାରିବ ।

# ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି ନିର୍ବାଚନ କମିଶନ

**ନୂଆଦିଲ୍ଲୀ,୨୧।୯** ଲୋକସଭା ସାଂସଦ ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାର ନର୍ବାଚନ ପୂର୍ବରୁ ପୁଣି ଥରେ 'ଭୋଟ ଚୋରି' ପ୍ରସଙ୍ଗ ଉଠାଇ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଛନ୍ତି । ନିର୍ବାଚନ କମିଶନ ଜ୍ଞ୍ୟାନେଶ କୁମାର ଭୋଟ ଚୋରଙ୍କୁ ରକ୍ଷା କରୁଛନ୍ତି । ଏ କଳାଧଳା ପ୍ରମାଣ ହିଁ କହୁଛି, ଗଣତନ୍ତ୍ରକୁ ଧ୍ୱଂସ କରୁଥିବା ବ୍ୟକ୍ତିଙ୍କୁ ନିର୍ବାଚନ କମିଶନ ସୁରକ୍ଷା ଦେଉଛନ୍ତି ତାହାର କୌଣସି ଦ୍ୱନ୍ଦ ନାହିଁ । କର୍ଣ୍ଣାଟକ ସିଆଇଡି ମୁଖ୍ୟ ନିର୍ବାଚନ କମିଶନରଙ୍କୁ ୧୮ ଥର ଚିଠି ଲେଖିଛନ୍ତି କିନ୍ତୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ଗୋଟିଏ ଥର ବି ଉତ୍ତର ମିଳିନି । ଯେଉଁଠି କଂଗ୍ରେସ ଶକ୍ତିଶାଳୀ ସେଠାରେ ଭୋଟର ଲିଷ୍ଟ ଡିଲିଟ୍ ଫେକ୍ ଲଗ୍ ଇନ୍ ଜରିଆରେ ଭୋଟର ଲିଷ୍ଟ ଡିଲିଟ ହୋଇଛି । ଏହା ସୁନିୟୋଜିତ, ୧୦ ବର୍ଷ ହେଲାଣି ଏଭଳି ଭୋଟ୍ ଚୋରି ଚାଲିଛି ବୋଲି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଭୋଟ ଚୋରି' ଅଭିଯୋଗ ଆଣି ରାହୁଲ କହିଛନ୍ତି, ୩୬ ସେକେଣ୍ଡରେ ୨ଟି ଫର୍ମ ଭରା ଯାଇଥିଲା । ୧୪ ମିନିଟରେ ୧୨ ଭୋଟ ଡିଲିଟ



ହୋଇଛି । ନିର୍ବାଚନ କମିଶନ ଭାରତୀୟ ଗଣତନ୍ତ୍ରକୁ ନଷ୍ଟ କରୁଥିବା ଲୋକଙ୍କୁ ସୁରକ୍ଷା ଦେବା ବନ୍ଦ କରିବା ଆବଶ୍ୟକ । ଆମେ ୧୦୦% ବୁଲେଟପ୍ରୁଫ୍ ପ୍ରମାଣ ଦେଇଛୁ । ନିର୍ବାଚନ କମିଶନଙ୍କୁ ଏହି ଫୋନ୍, ଓଟିପି ଗୁଡ଼ିକର ଏହି ତଥ୍ୟ ଗୋଟିଏ ସପ୍ତାହ ମଧ୍ୟରେ ଦେବାକୁ ପଡିବ । ମହାରାଷ୍ଟ୍ରର ରାଜୁରାରେ ୬୮୧୫ ଟାର୍ଗେଟ୍ ଭୋଟର ଯୋଡା ଯାଇଥିଲା । କର୍ଣ୍ଣାଟକ, ମହାରାଷ୍ଟ୍ର, ହରିୟାଣା, ୟୁପିରେ ସବୁଠି ଭୋଟ ଚୋରି ହେଉଛି । ଆମ ପାଖରେ ଏହାର ପ୍ରମାଣ ଅଛି। ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ଏହା ଗତ ୧୦-୧୫ ବର୍ଷ ଧରି ଚାଲିଛି । ଏହା ଏକ ବ୍ୟବସ୍ଥା ହୋଇଛି । ଗଣତନ୍ତ୍ରକୁ ଅପହରଣ କରାଯାଇଛି । ଗଣତନ୍ତ୍ରକୁ କେବଳ ଭାରତର ଲୋକମାନେ ରକ୍ଷା କରିପାରିବେ । ଅନ୍ୟ କେହି ଗଣତନ୍ତ୍ରକୁ ରକ୍ଷା କରିପାରିବେ ନାହିଁ ।

# ବୋମାକୁ ନିଷ୍କ୍ରିୟ କରିବ ରୋବଟ

**ନୂଆଦିଲ୍ଲୀ,୨୧।୯** ମଣିଷ ଗୋଟିଏ କାମ କରିବାକୁ ଯେତିକି ସମୟ ନିଏ ରୋବଟ ସେହି ସମୟ ମଧ୍ୟରେ ଅନେକ କାମ କରି ଦେଖାଇ ଦେଇଥାଏ। କିଛି ବର୍ଷ ହେବ ବଜାରରେ ରୋବଟର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ରୋବଟ୍ ତିଆରି ହେବା ଦିନ ଠାରୁ ଗବେଷକମାନେ ତା'କୁ ସମ୍ପୂର୍ଣ୍ଣ ବାସ୍ତବ ନ ହେଲେ ବି ମନୁଷ୍ୟ ଭଳି କାମ କରିପାରୁଥିବା ସହିତ ମଣିଷ ସଦୃଶ ଦେଖାଯିବା ଭଳି କରିବାକୁ ଯଥାସମ୍ଭବ ଉଦ୍ୟମ କରିଆସୁଛନ୍ତି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟ, ହାଭାର୍ଡ ବିଶ୍ୱବିଦ୍ୟାଳୟ ଓ ଇଣ୍ଟରନ୍ୟାସନାଲ୍ ରିସର୍ଚ୍ଚ ସେଣ୍ଟର୍ ଫର୍ ନ୍ୟୁରୋଇଣ୍ଟେଲିଜେନସର ଗବେଷକମାନେ ଜୀବନ୍ତ ମନୁଷ୍ୟ ଚର୍ମକୋଷ ଦ୍ୱାରା ରୋବଟ୍ ଲାଗି ସତସତିକା ଚର୍ମାବରଣ ତିଆରି କରିଛନ୍ତି । ଏହାଦ୍ୱାରା ରୋବଟ୍ ଦୀର୍ଘଦିନ ବ୍ୟବହାର ଉପଯୋଗୀ ରହିବା ସହିତ ଅନେକ କ୍ଷେତ୍ରରେ ବ୍ୟବହୃତ ହୋଇପାରିବ । ସମ୍ପ୍ରତି ବୈଜ୍ଞାନିକମାନେ ରୋବଟକୁ ଆଉ ଏକ କାମରେ ଲଗାଇବା ପାଇଁ ଅନେକ ଦିନରୁ କରୁଥିବା ଉଦ୍ୟମରେ ସଫଳ ହୋଇଛନ୍ତି । ଆଗାମୀ ଦିନରେ ରୋବଟକୁ ବୋମା ନିଷ୍କ୍ରିୟ କାମରେ ଲଗାଯିବା ପାଇଁ ଯୋଜନା କରାଯାଉଛି । ବ୍ରିଟିଶ ସେନା ଏବଂ ରୟାଲ ନୌସେନା ଦଳଗୁଡ଼ିକ ଯୁକ୍ତରାଜ୍ୟ ସାଇପ୍ରସ ଏବଂ ଜିବ୍ରାଲଟରରେ ବୋମା ନିଷ୍କ୍ରିୟକାରୀ ରୋବଟ୍ ନିୟୋଜିତ କରୁଛନ୍ତି। ଦାବି କରାଯାଉଛି କି ବୋମା ନିଷ୍କ୍ରିୟର ସମ୍ପୂର୍ଣ୍ଣ ପ୍ରକ୍ରିୟା ସମୟରେ ରୋବଟର ପରିଚାଳକ ଏବଂ ଆଖପାଖରେ ଥିବା ଲୋକମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବେ । ଏଗୁଡ଼ିକୁ ଏଲ୩ ହାରିସ ଟି୪ ମଲ୍ଟି-ମିଶନ ବୋମା ନିଷ୍କ୍ରିୟକାରୀ ରୋବଟ୍ କୁହାଯାଉଛି । ଏମାନଙ୍କୁ ବିଶ୍ୱର ସବୁଠାରୁ ଦକ୍ଷ ବୋମା ନିଷ୍କ୍ରିୟକାରୀ ରୋବଟ୍ ଭାବରେ ନାମିତ କରାଯାଇଛି।ଏହି ଟି୪ଏସ ରୋବଟଗୁଡ଼ିକ ପୂର୍ବରୁ ସେବାରେ ଥିବା ଟି୭ ଅପେକ୍ଷା ଯଥେଷ୍ଟ ଛୋଟ। ନୂତନ ରୋବୋଟଗୁଡ଼ିକର ଓଜନ ପ୍ରାୟ ୧୦୦ କିଲୋଗ୍ରାମ ଏବଂ ଏହା ସଙ୍କୁଚିତ ସ୍ଥାନରେ କାର୍ଯ୍ୟ କରିବା ଏବଂ ସିଡି ଚଢ଼ିବା ପାଇଁ ମଧ୍ୟ ଡିଜାଇନ୍ କରାଯାଇଛି।



# ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ

ପୁରୀ,୨୧।୯ (ନିପ୍ର) : ଯୁବ ବର୍ଗ ବିକଶିତ ଭାରତର ସମ୍ବଳ। ସେମାନେ ସୁସ୍ଥ ରହିଲେ ଦେଶର ଭବିଷ୍ୟତ ସୁରକ୍ଷିତ ରହି ପାରିବ। ଏହି ବାର୍ତ୍ତା ନେଇ ଆଜି ଠାରୁ ଆରମ୍ଭ ହୋଇଛି ସାଂସଦ ଖେଳ ମହୋତ୍ସବ। ଆଜି ପ୍ରତ୍ୟୁଷରୁ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ଏକ ଗଣଦୌଡ ଆୟୋଜନ ହୋଇଥିଲା।ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଏହାକୁ ଉଦଘାଟନ କରିବା ସହ ଯୁବ ବର୍ଗ ଦେଶ ପାଇଁ ଅନେକ ମାନ୍ୟତା ରଖେ।ତେଣୁ ସେମାନଙ୍କ ସୁସ୍ଥତା ଅତ୍ୟନ୍ତ ଜରୁରୀ।ସେଥିପାଇଁ ପ୍ରଧାନମନ୍ତ୍ରୀ ଙ୍କ ପରାମର୍ଶ କ୍ରମେ ଯୁବବର୍ଗ ଙ୍କ ପାଇଁ ଚଳିତ ବର୍ଷ ସେପ୍ଟେମ୍ବର ୨୧ ରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ଯୁବ ଶକ୍ତି ର ଉତ୍ସବ ନାମରେ ସାଂସଦ ଖେଳ ମହୋତ୍ସବ ର ଆୟୋଜନ କରାଯାଇଛି।ଆମ ପିଲା ମାନଙ୍କ ମଧ୍ୟରେ ବିବିଧ କ୍ରିଡା ପ୍ରତିଭାର ବିକାଶ ଓ ସେମାନଙ୍କୁ ପରିଚୟ ଦେବା ରେ ଏହା ସହାୟକ ହେବ ବୋଲି ଡା ପାତ୍ର କହିଥିଲେ।ଏହି ମହୋତ୍ସବ ରେ ଭଲିବଲ,କବାଡି,୧୦୦ ମିଟର ଦୌଡ, ଲଙ୍ଗଜମ୍ପ,ହାଇଜମ୍ପ, କ୍ରିକେଟ, ମାଲଖମ୍ବ,କୁସ୍ତି ଭଳି ୮ ଟି କ୍ରିଡା ସାମିଲ ଅଛି।ପୁରୀ ସଂସଦୀୟ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ସାଂସଦ ଖେଳ ମହୋତ୍ସବ ପାଇଁ ଏହି ୮ଟି ବର୍ଗ ପାଇଁ ୫୨ ହଜାର ରୁ ଉର୍ଦ୍ଧ୍ୱ ପିଲା ସ୍ୱେଚ୍ଛାକୃତ ଭାବେ ପଞ୍ଜିକରଣ କରିଛନ୍ତି ଯାହା ଏକ ରେକର୍ଡ ବୋଲି ସାଂସଦ ସୂଚନା ଦେବା ସହ ମହୋତ୍ସବ ର ସଫଳତା କାମନା କରିଥିଲେ।ଏହି ଅବସରରେ ଯୁବ ବର୍ଗ ନିଶା ଠାରୁ ଦୂରେଇ ରହିବାକୁ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଗଣଦୌଡ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇ ଥିଲା।ଏହି ଗଣଦୌଡ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରୁ ବାହାରି ହେଲିପ୍ୟାଡ ଛକ,ସେଣ୍ଟ୍ରାଲ ସ୍କୁଲ ଛକ,ଭୂଦାନ ଛକ,ପମ୍ପ ହାଉସ ଛକ ଦେଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରେ ପହଞ୍ଚି ଥିଲେ।ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ,କ୍ରିଡା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ,ଶିକ୍ଷା କାର୍ଯ୍ୟାଳୟ ର ଶାରିରୀକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ପିଇଟି ସୂର୍ଯ୍ୟ ନାରାୟଣ ଜେନା, ସୁଚିତ୍ର ଖଟୋଇ,ନିହାର ରଞ୍ଜନ ପଲେଇ,ଡା ଦେବେନ୍ଦ୍ର ତରାଇ,ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଉମାକାନ୍ତ ନାୟକ,ରଞ୍ଜିତା ପାଢ଼ୀ, ଦିଗଦର୍ଶନ ପଟ୍ଟନାୟକ,ଜୟନ୍ତ କୁମାର ଦାସ ,କ୍ରିଡା ଛାତ୍ରାବାସର ଅନ୍ତେବାସୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିଥିଲେ।ପରେ ଇନଡୋର ହଲରେ ସାଂସଦ ଡା ପାତ୍ର ଏହି କ୍ରିଡା ର ଶୁଭ ଉଦଘାଟନ କରି ପ୍ରତିଯୋଗୀ ମାନେ ଭଲ ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟ ର ସୁନାମ ବୃଦ୍ଧି ରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ।



# ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର,୨୧।୯ (ନିପ୍ର) : ରାଜ୍ୟର ସର୍ବପୁରାତନ ତଥା ସର୍ବବୃହତ ସାମ୍ବାଦିକ ସଂଘ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ, ରାଜ୍ୟରେ ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାର ଅର୍ଥରାଶି ଦଶ ଲକ୍ଷକୁ ବୃଦ୍ଧି , ଦେଶର ଅନ୍ୟାନ୍ୟ ଅଠର ଗୋଟି ରାଜ୍ୟ ଭଳି ଓଡ଼ିଶାର କାର୍ଯ୍ୟରତ ସାମ୍ବାଦିକଙ୍କୁ ପେନସନ ପ୍ରଦାନ ? ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଉପରୋକ୍ତ ଦାବି ନେଇ ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲ୍ଲାରେ ବିକ୍ଷୋଭ ସମାବେଶ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା।

ବୈଠକରେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ବାର୍ଷିକ ବୀବରଣୀ ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ହାରଧନ୍ ବାନାର୍ଜୀ ଓ ପୂର୍ଣ୍ଣଚନ୍ଦ୍ର ନାୟକ, ଉପସଭାପତି ସତ୍ୟନାରାୟଣ ମିଶ୍ର, ପ୍ରଦୀପ ତ୍ରିପାଠୀଙ୍କ ସମେତ ଉପଦେଷ୍ଟା ବଙ୍କୀମ୍ ଚନ୍ଦ୍ର ନାୟକ, ପ୍ରସନ୍ନ ତ୍ରିପାଠୀ,ଓ କୋଷାଧ୍ୟକ୍ଷ ରାଜେନ୍ ଚୋଧୁରୀ ଙ୍କ ସମେତ ପଚିଶି ଗୋଟି ଜିଲ୍ଲାରୁ ଯୋଗଦେଇଥିବା ସଭାପତି, ସମ୍ପାଦକ ଓ କାର୍ଯ୍ୟକାରିଣୀ ସଦସ୍ୟ ସର୍ବଶ୍ରୀ ରଜନୀକାନ୍ତ ମିଶ୍ର, ଲୋକନାଥ ଦଳେଇ,ମଦନ ପାଣି ,ମୋନୋଜ ଦାଶ,ସୁରେଶ ଦାଶ,ଦେବାଶିଷ ପୁରୋହିତ,ଅବ୍ୟକ୍ତ ଖାଡଙ୍ଗା, ଅଶୋକ ମିଶ୍ର,ପ୍ରତାପ ବରାଳ,ରାଧାକାନ୍ତ ମିଶ୍ର, ସଞ୍ଜୟ ପତି,ଦ୍ୱିଜେନ୍ ପାଢ଼ୀ, ସନ୍ତୋଷ ପାଣିଗ୍ରାହୀ,ରାଜୀବ ଲୋଚନ ଦାସ,ପବିତ୍ର ମହାରଥା, ପ୍ରଶାନ୍ତ ସାହୁ,ପବିତ୍ର ମହାନ୍ତି, ଶିବସରଣ ମିଶ୍ର, କମଳଲୋଚନ ଦୀକ୍ଷିତ, ଦେବାନନ୍ଦ ତାଣ୍ଡି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଟକ ଇଲେକ୍ଟ୍ରିକାଲ୍ ଟ୍ରେଡର୍ସ ଆସୋସିଏସନ୍‌ର ୨୮ତମ ବାର୍ଷିକ ଉତ୍ସବ



କଟକ,୨୧।୯ (ନି.ପ୍ର) : କଟକର ତୁଳସୀପୁରସ୍ଥିତ ଶାରଳା ଭବନରେ କଟକ ଇଲେକ୍ଟ୍ରିକାଲ୍ ଟ୍ରେଡର୍ସ ଆସୋସିଏସନ୍ ?ର ୨୮ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଥିଲା। ଦୀପ ପ୍ରଜ୍ୱଳନ କରାଯିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସମସ୍ତ ଅତିଥି ଏବଂ କର୍ମକର୍ତ୍ତା ମଞ୍ଚ ଉପରେ ବସିଥିଲେ। CETAର ସଭାପତି ରାଜକୁମାର ଖେମକା, ଉପସଭାପତି ନକୁଳ ସାହୁ, ସଚିବ ଦେବବ୍ରତ ପଲ୍ଲେ, କୋଷାଧ୍ୟକ୍ଷ ପଙ୍କଜ ଗିରି ଏବଂ ମୁଖ୍ୟ ଅତିଥି KEI ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମହାପ୍ରବନ୍ଧକ (ପୂର୍ବ) ବବି ରଞ୍ଜନ ତ୍ରିପାଠୀ ମଞ୍ଚାସୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ଗୋଏଲ, ଶୈଳେଶ ବର୍ମା ଏବଂ ଜଗବନ୍ଧୁ ସାହୁ ପରିଚାଳନା କରିଥିଲେ। ତାଙ୍କ ଭାଷଣରେ, ମୁଖ୍ୟ ଅତିଥି ବାବିରଞ୍ଜନ ତ୍ରିପାଠୀ ସମସ୍ତ ବ୍ୟବସାୟୀଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ ଯାହା KEI ୱାୟର୍ସ ଏବଂ କେବୁଲ୍ କମ୍ପାନୀ ଏବଂ ବ୍ୟବସାୟୀମାନଙ୍କୁ ପାରସ୍ପରିକ ଭାବରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିବାରେ ଆଜି ସକ୍ଷମ କରିଛି।

ଉରଞ୍ଜଇ ସଭାପତି ରାଜକୁମାର ଖେମକା ସଂଗଠନର କାର୍ଯ୍ୟକଳାପ ବିଷୟରେ କହିଥିଲେ। ମଞ୍ଚରେ ଉପସ୍ଥିତ CETA ସଦସ୍ୟମାନେ ସେମାନଙ୍କର ବକ୍ତବ୍ୟରେ ସମସ୍ତ ସଦସ୍ୟଙ୍କୁ ସେମାନଙ୍କର ସହଯୋଗ ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସଂଘ ସର୍ବଦା ସେମାନଙ୍କ ସୁଖ ଏବଂ ଅସୁବିଧାରେ ସେମାନଙ୍କ ସହିତ ରହିବ। କାର୍ଯ୍ୟକ୍ରମରେ ସଂଗଠନର ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ସହିତ ଅନ୍ୟ କମ୍ପାନୀର ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ, ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହାକୁ ସଦସ୍ୟମାନେ ସେମାନଙ୍କ ପରିବାର ସହିତ ଉପଭୋଗ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶପ୍ରେମର ଏକ ଝଲକ ମଧ୍ୟ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ଶେଷରେ, ସଂଗଠନର ସମ୍ପାଦକ ଦେବବ୍ରତ ପଲ୍ଲେ କୃତଜ୍ଞତା ପ୍ରକାଶ କରିଥିଲେ। ପୀତବାସ ସାହୁ, ସଞ୍ଜୟ ସେଠିଆ, ଜୟ ଅଗ୍ରୱାଲ, ମହାବୀର ପାରିକ, କୈଳାସ ସାହୁ, ରାଜେନ୍ଦ୍ର ନନ୍ଦୀ, ବିନୟ ମନ୍ତ୍ରୀ, ବିଜୟ କୃଷ୍ଣ ଆଚାର୍ଯ୍ୟ, ମୋହନଲାଲ ଶର୍ମା, ଅଶୋକ ରଞ୍ଜନ ଦେ, ସୌରଭ ପଲ୍ଲେ, ସୁଭାଷ ପାରିକ, ଶଙ୍କରଲାଲ ପାରିକ, ଲଳିତ ପଟୋଡିଆ, ପ୍ରଦୀପ ଅଗ୍ରୱାଲ ଏବଂ କୃଷ୍ଣ ଚନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସଫଳ କରିବାରେ ପ୍ରଶଂସନୀୟ ଅବଦାନ ରଖିଥିଲେ।

# ପ୍ରାଇମ ମେମ୍ବରଙ୍କ ପାଇଁ ଆଜିଠାରୁ ଆରମ୍ଭ ହେଉଛି ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ

ଭୁବନେଶ୍ୱର,୨୧।୯ (ନି.ପ୍ର) : ଚଳିତ ପାର୍ବଣ ଋତୁରେ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ ଅଧିକ ମୂଲ୍ୟ, ସୁବିଧା ଓ ଆନନ୍ଦ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଥିବା ଏକାଧିକ ଲାଭ ସହିତ ଆମାଜନ ପ୍ରାଇମ ମେମ୍ବରଙ୍କ ପାଇଁ ଉତ୍ସବକୁ ଆହୁରି ଉଜ୍ଜ୍ୱଳ କରିଛି। ସେପ୍ଟେମ୍ବର ୨୨ ତାରିଖରେ ୨୪ ଘଂଟା ପୂର୍ବରୁ ଆରମ୍ଭ ହେଉଥିବା ପ୍ରାଇମ ଅର୍ଲି ଆକସେସ ସହିତ ପ୍ରାଇମ ମେମ୍ବରମାନେ ପ୍ରାଇମ ଫେଷ୍ଟିଭ ଅଫରଗୁଡିକ ପାଇଁ ପହଂଚ ହାସଲ କରିପାରିବେ ଯାହା ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ, ଆପ୍ଲାଏନ୍ସ, ଫ୍ୟାଶନ, ହୋମ୍ ଆଣ୍ଡ କିଚେନ, ବିୟୁଟି ଆଦି ବର୍ଗରେ ଉତ୍ସାହଜନକ ଫେଷ୍ଟିଭ ଡିଲ ସହ ୧୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରିବ। ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ପାଇଁ ଆବେଦନ କରୁଥିବା ପ୍ରାଇମ ଉପଭୋକ୍ତାମାନେ ୩୦୦୦ ଟଙ୍କାର ୱେଲକମ ରିୱାର୍ଡ ପାଇପାରିବେ ଏବଂ ଆମାଜନରେ ସପିଙ୍ଗ ଓ ଟ୍ରାଭେଲ ବୁକିଙ୍ଗ ଉପରେ ଅନ୍‌ଲିମିଟେଡ ୫% କ୍ୟାଶବ୍ୟାକ ହାସଲ କରିପାରିବେ।

ଆମାଜନ ପ୍ରାଇମ ଏହି ସପିଂ ଇଭେଂଟ ସମୟରେ ନୋ-କଷ୍ଟ ଇଏମଆଇ, ଅର୍ଲି ଡିଲ, କ୍ୟାଶବ୍ୟାକ ଅଫର, ଏନପିସିଆଇ ଭାରତ ବିଲେପ ମାଧ୍ୟମରେ ସହଜ ସବ୍‌ସ୍କ୍ରିପଶନ ପେମେଂଟ ସହ ପ୍ରାଇମ ମେମ୍ବରଙ୍କ ପାଇଁ ସେଭିଙ୍ଗ୍‌କୁ ଅଧିକ ସରଳ କରିଛି। ସପିଂ ବ୍ୟତୀତ ପ୍ରାଇମ ମେମ୍ବରମାନେ ପ୍ରାଇମ ଭିଡିଓ ଓ ଏମ୍‌ଏକ୍ସ ପ୍ଲେ ଉପରେ ବ୍ଲକବଷ୍ଟର ଏଂଟରଟେନମେଂଟ, ଆମାଜନ ମ୍ୟୁଜିକରେ ଆଡ୍-ଫ୍ରି ମ୍ୟୁଜିକ ଓ ପଡ୍‌କାଷ୍ଟ, ପ୍ରାଇମ ରିଡିଂରେ ଲୋକପ୍ରିୟ ଟାଇଟଲଗୁଡିକୁ ଉପଭୋଗ କରିପାରିବେ। ପାର୍ବଣ ଋତୁ ସମୟରେ ପ୍ରାଇମ ଭିଡିଓ ଭାରତ ଓ ସମଗ୍ର ବିଶ୍ୱରରୁ ବିଭିନ୍ନ ଭାଷା ଓ ଜେନରରେ ୧୩ଟି ନୂଆ ସିରିଜ ଓ ମୁଭିର ଉତ୍ସାହଜନକ ଶୃଙ୍ଖଳା ଆଣିଛି।

ଏସମ୍ପର୍କରେ ଆମାଜନ ପ୍ରାଇମ ଇଣ୍ଡିଆର ମୁଖ୍ୟ ଓ ନିର୍ଦ୍ଦେଶକ ଅଭିନବ ଅଗ୍ରୱାଲ କହିଛନ୍ତି, " ପ୍ରାଇମ ସହ ଆମେ ମେମ୍ବରଙ୍କୁ ଏଭଳି ଏକ ଅନୁଭୂତି ପ୍ରଦାନ କରି ଖୁସି ଅନୁଭବ କରୁଛୁ ଯାହା ସପିଂ, ସେଭିଙ୍ଗ ଓ ମନୋରଞ୍ଜନର ସର୍ବୋତ୍ତମତାକୁ ଏକତ୍ରିତ କରିଛି। ଚଳିତ ପାର୍ବଣ ଋତୁରେ ଅର୍ଲି ଆକସେସ, ଏକ୍ସକ୍ଲୁସିଭ ପ୍ରାଇମ ଫେଷ୍ଟିଭ ଅଫର ଓ ଅତୁଳନୀୟ ଡେଲିଭରି ସ୍ପିଡ ଭଳି ଲାଭ ମାଧ୍ୟମରେ ପ୍ରାଇମ ମେମ୍ବରମାନେ ଆହୁରି ବଡ, ଉଜ୍ଜ୍ୱଳ ଓ ଅଧିକ ପୁରସ୍କୃତ ଉତ୍ସବ ଉପଭୋଗ କରିପାରିବେ।" ସେହିପରି ଆମାଜନ ଡଟ୍ ଇନ ପକ୍ଷରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୫ ପୂର୍ବରୁ 'ଅର୍ଲି ଡିଲ୍‌ସ'ର ଉନ୍ମୋଚନ କରାଯାଇଛି ଯାହା ଗ୍ରାହକଙ୍କୁ ସେପ୍ଟେମ୍ବର ୧୩ ତାରିଖରୁ ଉତ୍ସାହଜନକ ପ୍ରି-ଫେଷ୍ଟିଭାଲ ଅଫର ପ୍ରଦାନ କରୁଛି। ପ୍ରାଇମକୁ ଅଧିକ ସମାବେଶୀ କରିବା ପାଇଁ ମେମ୍ବରସିପ ସର୍ବନିମ୍ନ ୩୯୯ ଟଙ୍କାରୁ ଉପଲବ୍ଧ ହେଉଛି। ସାମସଙ୍ଗ, ଆପଲ, ଇଂଟେଲ, ଏଚପି, ଆସସ, ଟାଇଟନ, ଏଚପି, ଲିବାସ, ଲରିଅଲ ଭଳି ବୃହତ ବ୍ରାଣ୍ଡଗୁଡିକ ଉପରେ ବର୍ଷର ସବୁଠାରୁ କମ୍ ମୂଲ୍ୟ ଓ ସର୍ବୋତ୍ତମ ଡିଲ ପାଇବା ପାଇଁ ପ୍ରାଇମ ମେମ୍ବରସିପ ପାଇବାର ଏହା ଏକ ଉନ୍ନତ ସମୟ ଅଟେ।

# ଭୋଟ ଚୋର ଗାଦି ଛାଡ଼ ପାଇଁ ସ୍ୱାକ୍ଷର କାର୍ଯ୍ୟକ୍ରମ

ଭୁବେନଶ୍ୱର,୨୧।୯ (ନି.ପ୍ର) : ଭାରତୀୟ ଯୁବ ମାନସର ପ୍ରତୀକ ତଥା ସଂସଦର ବିରୋଧି ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀ ଉଠାଇଥିବା ଭୋଟ ଚୋର ଗାଦି ଛାଡ଼ ବିଷୟକୁ ଓଡ଼ିଶାର ପ୍ରେତ୍ୟକ ଦ୍ୱାରେର ପହଞ୍ଚାଇବା ପାଇଁ ଓଡ଼ିଶା ପ୍ରେଦଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ



ଚରଣ ଦାସଙ୍କ ପରାମଶର୍କ୍ରେମ ଓଡ଼ିଶା ପ୍ରେଦଶ ଅନୁସୂଚିତ ଜାତି ବିଭାଗ ଆଜି କଂେଗ୍ରସ ଭବନ ଠାେର ଦସ୍ତଖତ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଅଛି। ଏହି ଦସ୍ତଖତ କାର୍ଯ୍ୟକ୍ରମ ଓଡ଼ିଶା ପ୍ରେଦଶ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାେର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରେମର ଯୋଗେଦଇ ଓଡ଼ିଶା ପ୍ରେଦଶ କଂେଗ୍ରସ ସଭାପତି ଶ୍ରୀଯୁକ୍ତ ଦାସ ଭୋଟର ତାଲିକାେର ଅନିୟମିତତା କରି ମୋଦି ସରକାର ଏବଂ ମୋହନ ସରକାର କ୍ଷମତାକୁ ଆସଛନ୍ତି େବାଲି ମତବ୍ୟକ୍ତ କରିଥେ଼ଲ। କଂେଗ୍ରସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମ ଉକ୍ତ କାର୍ଯ୍ୟକ୍ରେମରେ ଯାେଗଦଇ େଦଶେର ଏବଂ ରାଜ୍ୟେର ଏକ ନିର୍ବାଚିତ ସରକାର ନହୁଁେ ବରଂ ବର୍ତ୍ତମାନ ଏକ ଭୋଟ ଲୁଣ୍ଠନକାରୀ ସରକାର କ୍ଷମତାେର ଅଛି ବୋଲି ମତପ୍ରକାଶ କରିଥେ଼ଲ। ଭୋଟ ଚୋରି ବିଷୟେର ଜନସାଧାରଣଙ୍କୁ ଅବଗତ କରାଇବାପାଇଁ ପ୍ରେଦଶ ଅନୁସୂଚିତ ଜାତି ବିଭାଗ ପଂଚାୟତ ସ୍ତରକୁ ଯିବ ଏବଂ ସାଧାରଣ ଲୋକଙ୍କୁ ସେଚତନ କରାଇବ ବୋଲି ବିଭାଗ ଅଧ୍ୟକ୍ଷ ଆଇନଜୀବି ମଲ୍ଲିକ ମତପ୍ରକାଶ କରିଥେ଼ଲ। ଉକ୍ତ ବିଷୟକୁ ନେଇ ଓଡ଼ିଶାର ୧୧ଟି ଜନବହୁଳ ସହରେର ଆଗାମୀ ଦିନେର ଏକା ସାଙ୍ଗେର ସାମ୍ବାଦିକ ସମ୍ମିଳନୀ କରାଯିବ ବୋଲି ଆଇନଜୀବି ମଲ୍ଲିକ ମତପ୍ରକାଶ କରିଥେ଼ଲ। ଏହି କାର୍ଯ୍ୟକ୍ରେମର ବିଭାଗର ଉପାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ସୁଦର୍ଶର୍ନ ଜେନା, ଉପାଧ୍ୟକ୍ଷ ଅଶୋକ ନାୟକ, ଜାନକୀ ମଲ୍ଲିକ, ଏଲ ମାଣିକପ୍ରଭା, ଭୋକାଲି ସେଠୀ, ସାଧାରଣ ସମ୍ପାଦକ ରେଜନ୍ଦ୍ର ଜେନା, ରାମଲାଲ ସୁନାନି, ଶିବପ୍ରକାଶ େବେହରା, ସୁଦଶର୍ନ ଜେନା, ହରିହର ମଣ୍ଡଳ, ଗୋବିନ୍ଦ ନାୟକ, ଆଶିଷ ମଲ୍ଲିକ, ଦେବବ୍ରତ େବେହରା, କୈଳାସ ନାୟକ, ବାବୁଲି ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲା ଅଧ୍ୟକ୍ଷ ଜୟନ୍ତ ଭୋଇ, ଢ଼େଙ୍କାନାଳ ଜିଲ୍ଲା ଅଧ୍ୟକ୍ଷ ଗୋବଦ୍ଧର୍ନ ଶେଖର ନାୟକ, ଅନୁଗୁଳ ଜିଲ୍ଲା ଅଧ୍ୟକ୍ଷ ଆଇନଜୀବି ରାଜକିଶୋର ନାୟକ, କଟକ ଜିଲ୍ଲା ଅଧ୍ୟକ୍ଷ ପ୍ରତାପ ମଲ୍ଲିକ, ଭଦ୍ରକ ଜିଲ୍ଲା ଅଧ୍ୟକ୍ଷ ବିଦ୍ୟାଧର ଜେନା, ବିଭାଗର ସମ୍ପାଦକ ପ୍ରେମାଦ ମଲ୍ଲିକ, ରଞ୍ଜନ ଭୋଇ, ବିକାଶ ଦାସ, ସଂଜୟ ମଲ୍ଲିକ, ଶରତ ନାୟକ, ଆଇନଜୀବି ସଂଜୟ ମଲ୍ଲିକ, ଯଯାତି କେଶରୀ ପ...ନାୟକ, ଆଇନଜୀବି ଦେବାଶିଷ ମଲ୍ଲିକ, ଶଶିକାନ୍ତ ଜେନା, ଶୁଭକର ମୁଖି, ରଥି କୁମ୍ଭାର, ମଂଟୁ ମଲ୍ଲିକ, ଲେମ୍ବାଧର ନାୟକ, ରଞ୍ଜନ ଜେନା, ବନମାଳି ବିଶୋଇ, ଅାଦେଶ ସୁନା, ଅର୍ଜୁନ ବାଙ୍କା, ରାଜକିଶୋର େବେହରା, ଜମ୍ମୁ ମଲ୍ଲିକ, ଜୟନ୍ତ େବେହରା, ପ୍ରକାଶଜେନା, ଜୀବନ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରେମର ଅଂଶଗ୍ରହଣ କରି ନିଜର ମତାମତ ଦେଇଥେ଼ଲ।

# 'ସେବା ପକ୍ଷୱାଡ଼ା' ଉତ୍ସବ ଅବସରରେ ଜିଲ୍ଲା ସ୍ତରୀୟ ଗଣଦୌଡ



ନବରଙ୍ଗପୁର,୨୧।୯ (ନି.ପ୍ର) : 'ସେବା ପକ୍ଷୱାଡ଼ା' ଉତ୍ସବ ଅବସରରେ ନବରଙ୍ଗପୁର ଜିଲ୍ଲା ସଦର ମହକୁମାର ସଦାଶିବ ପାର୍କ ଠାରୁ ଏକ ବିଶାଳ ଜିଲ୍ଲା ସ୍ତରୀୟ ମାରାଥନ ଦୌଡ଼ ପୋଲିସ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଗଣ ଶିକ୍ଷା ବିଭାଗ ଏବଂ ଜିଲ୍ଲା ମଙ୍ଗଳ ବିଭାଗ ର ଛାତ୍ର ଛାତ୍ରୀ ସମେତ ଜିଲ୍ଲାର ବିଭିନ୍ନ ଶିକ୍ଷା, କ୍ରୀଡା ଓ ଅନେକ ବେସରକାରୀ ଅନୁଷ୍ଠାନ ର ସଭ୍ୟ ସଭ୍ୟା ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡା ସଂଘ ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଗଣ ଦୌଡ଼ ରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ମାନ୍ୟବର ସାଂସଦ (ଲୋକସଭା) ବଳଭଦ୍ର ମାଝି ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ , ପୌରାଧକ୍ଷ କୁନୁ ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା,ବରିଷ୍ଠ ଅଧିବକ୍ତା ଝାଡେ ଶ୍ୱର ଖାଡଙ୍ଗା, ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ. ବାଲାକୃଷ୍ଣ ରାଓ , ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କାଉନସିଲର ଶର୍ମିଷ୍ଠା ଦେଓ, ନଗେନ୍ଦ୍ର ପଟ୍ଟନାୟକ, ମାରାଥନ ଧାବକ ଚିତ ପାତ୍ର, ସମାଜ ସେବୀ ସୁଷମା ଜୈନ ପ୍ରମୁଖ ପତାକା ଦେଖାଇ ମାରାଥନ ଦୌଡ଼ ର ଶୁଭାରମ୍ଭ କରିଥିଲେ। ଦୌଡ଼ ଶେଷରେ ୫୦ ବର୍ଷରୁ ଉର୍ଦ୍ଧ ବର୍ଗରେ ଅଶୋକ ପାତ୍ର , ବରିଷ୍ଠ ବର୍ଗରେ ନୀଳାମ୍ବର ଭତରା, କନିଷ୍ଠ ବର୍ଗରେ ମହେଶ ଚାଲାନ୍ ଏବଂ ମହିଳା ବର୍ଗରେ ଆଲିଫା ହିଆଲ ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ନିଜ ଅଭିଭାଷଣରେ ସାଂସଦ ଶ୍ରୀ ମାଝୀ ଆଗାମୀ ଦିନରେ ପଞ୍ଚାୟତ ସ୍ତରରୁ ସାଂସଦ କ୍ଷେତ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ବିଭିନ୍ନ ବର୍ଗର ଖେଳରେ ସମସ୍ତ ଯୁବ ବର୍ଗଙ୍କୁ ଭାଗ ନେବା ନିମନ୍ତେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳ କରିବାରେ ପୌର ପରିଷଦ ପକ୍ଷରୁ ଜ୍ୟୋତି ପରିଛା, ଶଶାଙ୍କ ଶେଖର ବେହେରା, ରାମ ଦାସ ସମେତ ଗଣ ଶିକ୍ଷା ଏବଂ ମଙ୍ଗଳ ବିଭାଗର କ୍ରୀଡା ଶିକ୍ଷକ , ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ଡେଲାଙ୍ଗରେ କଂଗ୍ରେସର ବନ୍ଧୁ ମିଳନ

## ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବାକୁ ଶପଥ

ଡେଲାଙ୍ଗ,୨୧।୯; (ନି.ପ୍ର) : ଡେଲାଙ୍ଗ ବ୍ଲକ ଅରିସଲ ଛକ ନିକଟସ୍ଥ ପଟ୍ଟନାୟକଙ୍କ କଲ୍ୟାଣ ମଣ୍ଡପ ଠାରେ କଂଗ୍ରେସ ଦଳର ବନ୍ଧୁମିଳନ ସହିତ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ କଂଗ୍ରେସ ସଂଯୋଜକ ନିର୍ମଳ ପରିଡାଙ୍କ ଆବାହକରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର ,ପୁର୍ବତନ ଛାତ୍ର ସଭାପତି ଉଦିତ ପ୍ରଧାନ, ଜିଲ୍ଲା କଂଗ୍ରେସ ସଂଯୋଜକ ରାଜେଶ ମିଶ୍ର



, ପୁରୀ ନଗର ସଭାପତି ଅମରେନ୍ଦ୍ର ପାଇକରାୟ, ପିପିଲି ବ୍ଲକ କଂଗ୍ରେସ ସଭାପତି ଜିତୁ ପ୍ରକାଶ ପରିଡା,ଏନଏସି ସଂଯୋଜକ ଅନ୍ତର୍ଯ୍ୟାମୀ ଦୀକ୍ଷିତ, କଂଗ୍ରେସ ନେତା ଗୁଣନିଧି ପ୍ରଧାନ, କ୍ଷେତ୍ରମୋହନ ସାହୁ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଛାତ୍ରନେତା ଇସ୍ରାରର ମହମ୍ମଦ,ବରିଷ୍ଠ କଂଗ୍ରେସ ନେତା ବିଜୟ ଦାଶ, ସନ୍ତୋଷ ପଣ୍ଡା,ପ୍ରହଲ୍ଲାଦ ପ୍ରଧାନ, ଜବାହରଲାଲ ବିଶ୍ୱାଳ ପ୍ରମୁଖଙ୍କ ସହ ଶତାଧିକ କଂଗ୍ରେସ କର୍ମି ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଏକାଠୀ ହୋଇ କଂଗ୍ରେସ ଦଳର ସଂଗଠନକୁ ତୃଣମୂଳ ସ୍ତରରେ କିପରୀ ମଜଭୁତ କରାଯିବ ସେ ସମ୍ପର୍କରେ ଆଲୋଚନା କରିବା ସହ ଏକାଠୀ ହୋଇ କାମ କରିବାକୁ ଶପଥ ନେଇଥିଲେ ।



# ଦିନକ ପରେ ନବରାତ୍ରି ପୂଜା, ଜୋର୍ ସୋରରେ ମୂର୍ତ୍ତି ନିର୍ମାଣରେ ଲାଗି ପଡିଛନ୍ତି କାରୀଗର

କୁକୁଡ଼ାଖଣ୍ଡି,୨୧।୯ (ନି.ପ୍ର) : ହୋଇସାରିଛି ଜଗତ ଜନନୀ ମା ଦୁର୍ଗାଙ୍କ ଆଗମନ । ଆଉ ମାତ୍ର ଗୋଟାଏ ଦିନ ପରେ ମା ଙ୍କ ନବରାତ୍ରି ପୂଜା ଅନୁଷ୍ଠିତ ହେବ। ମା ଙ୍କ ପୂଜା କୁ ନେଇ ସମସ୍ତ ଦେବୀ ପୀଠ ଚଳ ଚଞ୍ଚଳ ହୋଇଉଠିଛି। ଆଉ ଚାଲିଛି ସମସ୍ତ ପ୍ରସ୍ତୁତି। ଅନ୍ୟପଟେ ଗାଁ ହେଉ ବା ସହର ସବୁଠି ଉତ୍ସାହ ର ବାତାବରଣ ଦେଖିବାକୁ ମିଳୁଛି। ପୂଜା ପେଣ୍ଡାଲ କୁ କିଭଳି ଆକର୍ଷଣୀୟ କରାଯିବ ସେନେଇ ପୂଜା କମିଟି ମାନେ ଲାଗିପଡିଛନ୍ତି। ତେବେ ଏନେଇ ମୂର୍ତ୍ତି କାରିଗର ମାନେ ମଧ୍ୟ ଯୋର୍ ସୋର ରେ ଲାଗିପଡିଛନ୍ତି। ବିଭିନ୍ନ କ୍ଲବ୍ ପକ୍ଷରୁ ଆୟୋଜିତ ହେଉଥିବା ଦୁର୍ଗା ପୂଜା ପାଇଁ ଅଗ୍ରୀମ ରଖି ସେମାନଙ୍କ ପାଇଁ ମୂର୍ତ୍ତି



ତିଆରିରେ ଲାଗି ପଡ଼ିଛନ୍ତି ମାଟି ଶିଳ୍ପୀ । ଏ ହେଉଛି ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡିର ଶିବ ଶିଳ୍ପୀ ସଦନ ମୂର୍ତ୍ତି ଭଣ୍ଡାର ର ଚିତ୍ର । ଯାହା ୧୫୦ ବର୍ଷ ର ପୁରୁଣା । ପୀଢ଼ି ପରେ ପିଢ଼ି କରିଆସୁଥିବା ଏହି କୌଳିକ ବୃତ୍ତି କୁ ବଜାୟ ରଖିଛନ୍ତି ଏହି କାରିଗରୀ ପରିବାର । ତେବେ ମୂର୍ତ୍ତି ଗଢା କାମ ସରିଛି ଆଉ ଚାଲିଛି ରଙ୍ଗ ଦେବା। ବର୍ତ୍ତମାନ ମାଟି ମୂର୍ତ୍ତିର ଜାଗା ପ୍ଲାଷ୍ଟର ପ୍ୟାରିସ ନେଉଥିବା ବେଳେ ଆଜିବି ଏଠାରେ ମାଟିରେ ମୂର୍ତ୍ତି ତିଆରି କରାଯିବା ର ଦେଖା ଦେଇଛି । ଗୋଟାଏ ମୂର୍ତ୍ତି ତିଆରି କରିବା ପାଇଁ ୩ ରୁ ୪ ଦିନ ସମୟ ଲାଗୁଥିବା ବେଳେ ପରିବାର ର ସମସ୍ତ ସଦସ୍ୟ ସନ୍ତୋଷୀ କୁମାର ସାହୁ, ସୁଶାନ୍ତ ସାହୁ, ଶଙ୍କର ସାହୁ ନିୟୋଜିତ ରହି ଗତ ହେରା ପଞ୍ଚମୀ ଠାରୁ ମୂର୍ତ୍ତି ଗଢିବା ଆରମ୍ଭ କରିଛନ୍ତି।

ମାଟି ମୂର୍ତ୍ତି ର ଚାହିଦା ଅଧିକ ରହିଥିଲେ ମଧ୍ୟ ପାରିଶ୍ରମିକ ଅନୁଯାୟୀ ପ୍ରାପ୍ୟ ମିଳୁନଥିବା କହିଛନ୍ତି ମୂର୍ତ୍ତି କାରିଗର ସନ୍ତୋଷ କୁମାର ସାହୁ। ଅନ୍ୟପଟେ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତି କୁ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ମାଟି ର ଅଭାବ ହେତୁ ପ୍ଲାଷ୍ଟର୍ ପ୍ୟାରିସ ରେ ତିଆରି ମୂର୍ତ୍ତୀ ବହୁଳ ପରିମାଣରେ ବଜାରକୁ ଆସୁଥିବା ଦେଖିବାକୁ ମିଳୁଛି ।

# ଆକ୍ସନ ମୋଡ଼ରେ ଅବକାରୀ ବିଭାଗ

ଯୋଡ଼ା,୨୧।୯ (ନି.ପ୍ର) : କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସିତାରାଣୀ ପଟ୍ଟାୟତଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ରେଞ୍ଜ ଅବକାରୀ ନିରୀକ୍ଷକ ଏଚ.ଜଗା ରାଓ ଙ୍କ ତତ୍ତ୍ୱାବଧାନ ରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ରବିବାର ଦିନ ଯୋଡ଼ା, ବଡ଼ବିଲ,ବଲାଣି ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନ ରେ ଅଚାନକ ଚଢ଼ାଉ କରିଥିଲେ।ଏହି ସ୍ୱତନ୍ତ୍ର ଟିମରେ ଯୋଡ଼ା ଅବକାରୀ ଅଧିକାରୀ ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ପରିଡା ଏବଂ ବଡ଼ବିଲ ଅଧିକାରୀ ସବଇନ୍ସପେକ୍ଟର ସନ୍ତୋଷ କୁମାର ନାଏକ ଓ ଭାବେଷ ଚନ୍ଦ୍ର ନାଏକ ସମେତ ଚମ୍ପୁଆ ଯୋଡ଼ା ବଡ଼ବିଲ ଷ୍ଟାଫ ସାମିଲ ହୋଇ ମଦ ଦୋକାନ ରେ ଧାର୍ଯ୍ୟ ମୁଲ୍ୟ ରୁ ଅଧିକ ଟଙ୍କା ମାଗିବା, ନକଲି ମଦ ଏବଂ ଦୋକାନ ରେ ଷ୍ଟୋକ ଥିବା ମଦକୁ ଯାଞ୍ଚ କରିଥିଲେ।ତେବେ ଯାଞ୍ଚ ସମୟରେ ଦୋକାନ ରେ ଥିବା କିଛି



ଗ୍ରାହକ ମାନଙ୍କ ପ୍ରତିକ୍ରିୟାଏବଂ ସମସ୍ୟା ଶୁଣି ଘଟଣାସ୍ଥଳ ରେ ହିଁ ତର୍ଜମା କରିଥିଲେ। ରବିବାର ଦିନ ପ୍ରଥମେ ଜରୁଡ଼ି ରେ ଥିବା ମଦ ଦୋକାନ,ପରେ ବଡ଼ବିଲ ଅଞ୍ଚଳରେ ଥିବା ଦୋକାନ ନମ୍ବର-୪ ଏବଂ ବଲାଣି ଦୋକାନ ରୁ ଯାଞ୍ଚ କରି ମଦ ର ନମୁନା ପରୀକ୍ଷା କରାଯାଇଥିବା ସୂଚନା ଚମ୍ପୁଆ ରେଞ୍ଜ ଅବକାରୀ ନିରୀକ୍ଷକ ଏଚ.ଜଗା.ରାଓ ଦେବା ସହ ଆଗକୁ ଆହରୁ ଚଢ଼ାଉ ଜାରିରିହିବ ବୋଲି କହିଛନ୍ତି। ଅବକାରୀ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହ ଆଗକୁ ଚାଲୁ ରହିଲେ ମଦ ମାଫିଆ ମାନେ ସାବାର୍ଡ ହେବେ ବୋଲି ମତବ୍ୟକ୍ତ କରିଛନ୍ତି।

# ଘର ସମ୍ମୁଖରୁ ବାଇକ୍ ଚୋରି, ଅନ୍ଧାରରେ ବାଡି ବୁଲାଉଛି ପୁଲିସ

ହିଞ୍ଜିଳିକାଟୁ, ୨୧।୯(ନି.ପ୍ର) : ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଇଲାକାରେ ଦିନକୁ ଦିନ ବୃଦ୍ଧି ପାଉଛି ଲୁଟେରା ଙ୍କ ପାଦୁର୍ଭାବ। ପୁଲିସ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ଲୁଟେରା ମାନେ ଗୋଟିକ ପରେ ଗୋଟିଏ ଲୁଟ୍ କରି ଚମ୍ପଟ ମାରିବାରେ ସକ୍ଷମ ହେଉଥିବା ବେଳେବେଳେ ପୁଲିସ ପ୍ରଶାସନ ଲୁଟେରା ଗ୍ୟାଙ୍ଗଙ୍କୁ ଧରିବାରେ ବିଫଳ ହୋଇଛି। ଏଥିରୁ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ପୁଲିସ ପ୍ରଶାସନର ପାରିବା ପଣ ପରଦାରେ ପଡିଛି । କେବଳ ଅନ୍ଧାରରେ ବାଡି ବୁଲାଇବା ଭଳି ପୁଲିସ ରହିଛି। ଗତ କିଛି ଦିନ ଧରି ହିଞ୍ଜିଳି ଥାନା ଇଲାକାର ବିଭିନ୍ନ ଗ୍ରାମରେ ସିରିଜର ଲୁଟ୍ ଘଟଣା ଘଟିଥିବା ନଜିର ଶନିବାର ବିଳମ୍ବିତ ରାତିରେ ରହିଛି। ଲୁଟେରା ଗ୍ୟାଙ୍ଗ ଗୋଟିଏ ପରେ ଗୋଟିଏ ଲୁଟ୍ କରି ଫେରାର ହେବାକୁ ସକ୍ଷମ ହେଉଥିବା ବେଳେ ପୁଲିସ କେବଳ ଥାନାରେ ମାମଲା ରୁଜୁ କରି ନିରବ ସାଜୁଛି । ଶନିବାର ବିଳମ୍ବିତ



ରାତିରେ ହିଞ୍ଜିଳି ଥାନା ସୋମପୁର ଗ୍ରାମରେ ଘର ସମ୍ମୁଖରେ ଥିବା ଏକ ମୋଟର ସାଇକେଲକୁ ଲୁଟେରା ମାନେ ଲୁଟ୍ କରି ଫେରାର ହେବାକୁ ସକ୍ଷମ ହୋଇଛନ୍ତି। ପ୍ରକାଶ ଯେ, ଶନିବାର ରାତି ପ୍ରାୟ ୧ ଘଣ୍ଟା ସମୟରେ ହିଞ୍ଜିଳି ଥାନା ସୋମପୁର ଗ୍ରାମର ସତ୍ୟ ନାରାୟଣ ଲେଙ୍କା ଘର ସମ୍ମୁଖରେ ନିଜ ମୋଟର ସାଇକେଲ (ଓଡି୦୭ ଏଜେ ୭୧୫୨)କୁ ରଖିଥିଲେ। ବିଳମ୍ବିତ ରାତିରେ ଲୁଟେରା ଗ୍ୟାଙ୍ଗ ସଂପୃକ୍ତ ମୋଟର ସାଇକେଲକୁ ଲୁଟ୍ କରି ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ରବିବାର ସକାଳେ ସତ୍ୟ ଘର ସମ୍ମୁଖରେ ନିଜ ମୋଟର ସାଇକେଲ ନଥିବା ଦେଖି ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲେ। ୨ ଜଣ ଲୁଟେରା ଏକ ମୋଟର ସାଇକେଲରେ ଆସି ଘର ସମ୍ମୁଖରୁ ତାଙ୍କ ମୋଟର ସାଇକେଲ ଚୋରୀ କରି ନେଇଯାଇଥିବା ଦେଖି ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ଘରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଥାଉକି ଗତ ୧୭ ତାରିଖରେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ମୋହନ କଲୋନୀ ଅଞ୍ଚଳର ଜଣେ ଶିକ୍ଷକଙ୍କ ଘରର ତାଳା ଭାଙ୍ଗି ଲୁଟେରା ଗ୍ୟାଙ୍ଗ ସୁନା, ରୁପା ଅଳଙ୍କାର ସମେତ ୫ ହଜାର ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ସଂପୃକ୍ତ ଘଟଣାରେ ପୁଲିସ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରି ନିରବ ସାଜିଛି। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଙ୍ଗ ବ୍ୟବସ୍ଥା କଡାକଡି କରିବା ସହ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ପ୍ରଦାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଦିଗପହଣ୍ଡିରେ ବାଘ ଆତଙ୍କ ନେଇ ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ : ବନବିଭାଗ

କୁକୁଡାଖଣ୍ଡି,୨୧।୯ (ନି.ପ୍ର) : ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧିନ କେରାଣ୍ଡିମାଳ ସଂରକ୍ଷିତ ଜଙ୍ଗଲ ବି. ତୁରୁବୁଡି ଫରେଷ୍ଟ ବିଟ୍ ର ଖଜୁରୀପଲ୍ଲୀ ଗ୍ରାମରେ ବାଘ ଆତଙ୍କ ଖବର ଏକ ଗୁଜବ।ଏଥିରେ କୌଣସି ସତ୍ୟତା ନାହିଁ ବୋଲି ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ କହିଛନ୍ତି । ରବିବାର ସକାଳେ ଗ୍ରାମ ସଂଲଗ୍ନ ଚାଷ ଜମି ହିଡ ରେ କିଛି ବନ୍ୟଜନ୍ତୁ ର ପାଦ ଚିହ୍ନ ଦେଖିଥିଲେ। ଏହି ପାଦ ଚିହ୍ନ ବାଘର ବୋଲି ପ୍ରଚାରିତ ହେବା ପରେ ଗ୍ରାମ ସମେତ ଆଖପାଖ ଗ୍ରାମର ବହୁ ସଂଖ୍ୟକ ବ୍ୟକ୍ତି ସମ୍ପୃକ୍ତ ଚାଷଜମି ହିଡ ରେ ପହଞ୍ଚି କିଛି ବନ୍ୟଜନ୍ତୁ ଙ୍କ ପାଦ ଚିହ୍ନ ଦେଖିଥିଲେ। ଏହା ବାଘର ପାଦ ଚିହ୍ନ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦିଗପହଣ୍ଡି ବନ ବିଭାଗ କାର୍ଯ୍ୟାଳୟକୁ ସୂଚନା ଦିଆଯିବା ପରେ ରେଞ୍ଜରଙ୍କ



ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ଫରେଷ୍ଟର ସନ୍ତୋଷ କୁମାର ବିଷୋୟୀରନ୍,ବି. ତୁରୁବୁଡ଼ି ଫରେଷ୍ଟ ବିଟ୍ ର ଫରେଷ୍ଟ ଗାର୍ଡ ଉର୍ମିଳା ବେହେରା ଏବଂ ୪ ପାରା ବନ କର୍ମଚାରୀ ଗ୍ରାମରେ ପହଞ୍ଚି ବାଘ ପାଦ ଚିହ୍ନ ପଡ଼ିଥିବା କୁହାଯାଉଥିବା ଚାଷଜମି ହିଡ କୁ ଯାଇଥିଲେ। ପାଦ ଚିହ୍ନ ଅନ୍ୟ କୌଣସି ଜନ୍ତୁର। ବାଘର ନୁହେଁ ବୋଲି ଜଣାପଡିବା ପରେ ବନ କର୍ମଚାରୀ ବୃନ୍ଦ ଗ୍ରାମବାସୀ ଙ୍କ ସହ ଏନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହା ବାଘର ପାଦ ଚିହ୍ନ ନୁହେଁ ବୋଲି ସେମାନଙ୍କୁ ସଚେତନ କରାଯାଇଥିଲା । ତଥାପି ଗୃହପାଳିତ ପ୍ରାଣୀ ମାନଙ୍କୁ ରାତିରେ ବାହାରେ ଛାଡି ନଦେଇ ଗୁହାଳ ରେ ବାନ୍ଧି ରଖିବା ସହ ଗ୍ରାମବାସୀ ସତର୍କ ଓ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଇ ବନ କର୍ମଚାରୀ ବୃନ୍ଦ ଫେରିଥିବା ଜଣାପଡ଼ିଛି। ଏନେଇ ଦିଗପହଣ୍ଡି ରେଞ୍ଜର ଙ୍କୁ ପଚାରିବାରୁ ବାଘ ଆତଙ୍କ ଏକ ଗୁଜବ। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରାଯିବା ସହ ଅଯଥାରେ ଲୋକଙ୍କୁ ଭୟଭୀତ କରାଯାଉଛି ବୋଲି ସେ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି।

# ଐତିହାସିକ ପାଟଣାଗଡ ବଏଲ ଯାତ୍ରା ପାଇଁ ମାଁ ପାଟଣେଶ୍ୱରୀ ମନ୍ଦିରରେ ଲାଗିଲା ନୂତନ ଘଣ୍ଟି



ବଲାଙ୍ଗିର,୨୧।୯ (ନି.ପ୍ର) ପାଟଣାଗଡ ଐତିହାସିକ ପୀଠ ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ମୁଖ୍ୟ ପୀଠରେ ରବିବାର ଦିନ ଅଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ମହାଳୟା ଦିନ ପ୍ରସିଦ୍ଧ ବଏଲ ଯାତ୍ରା ଓ ଦଶହରା ପର୍ବ ଲାଗି ପୀଠରେ ବଲାଙ୍ଗିରର ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିରର ମାଁ ପାଟଣେଶ୍ୱରୀ ପୀଠ ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣାଗଡର ଦେବୋତ୍ତର ବିଭାଗ ତଥା ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କୁ ବିରଳ ନୂତନ ଘଣ୍ଟି ହସ୍ତାନ୍ତର ପରେ ଦେବୋତ୍ତର ବିଭାଗର ମ୍ୟାନେଜର ଓ ତହସିଲଦାର ଙ୍କ ଉପସ୍ଥିତିରେ ପୀଠରେ ଲାଗିଲା ନୂତନ ଘଣ୍ଟି । ପୂଜାର୍ଚ୍ଚନା, ଘଣ୍ଟବାଦ୍ୟ ସହ ପାଟଣେଶ୍ୱରୀ ଦେବୀଙ୍କ ଢୋଲ, ନିଶାନ, ତାସାରେ ବାଦ୍ୟରେ ପୀଠରେ ଲଗାଗଲା ନୂତନ ଘଣ୍ଟି । ଏହି ଅବସରରେ ପୂଜକ ରାଙ୍ଗବେନ୍ଦ୍ର ସିଂହଦେଓ, ଧର୍ମରାଜ ସିଂଦେଓ, ଜଳନ୍ତ ସିଂଦେଓ, ଭଗବାନ ସିଂଦେଓ, ପୃଥ୍ୱୀରାଜ ସିଂଦେଓ ପୂଜାର୍ଚ୍ଚନା କରି ମାଁ ଙ୍କୁ ଗୁହାରି କରିଥିଲେ ଓ ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ଉପ-ସଭାପତି ପ୍ରଶାନ୍ତ ମହାକୁର, ପାଟଣାଗଡର ଆଇନଜିବ ରାଣା ପ୍ରଧାନ, ଜୟରାମ ମିଶ୍ର, ଅରୁଣ କୁମାର ମିଶ୍ର, ସୁରେନ୍ଦ୍ର ନେଗୀ, ଶମ୍ଭୁ ଶତପଥୀ, ଭବାନୀ ଭୋଇ,ବିଘ୍ନରାଜ ଧଳ, ଅଚ୍ୟୁତ ସ୍ୱାଇ, ବିନୁ ଦେବ, ରୋହିତ ମେହେର ଉପସ୍ଥିତ ଥିଲେ, ପାଟଣେଶ୍ୱରୀ ସେନା ଓ ପାଟଣାଗଡର ବିଭିନ୍ନ କମିଟିର ସଦସ୍ୟ ଉପସ୍ଥିତ ଥିଲେ ।

# କରପଡା ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଗଞ୍ଜାମ ୨୧।୯ (ନି.ପ୍ର) : ଗଞ୍ଜାମ ବ୍ଲକ ଅଧିନସ୍ଥ କରପଡା ପଞ୍ଚାୟତ ସରପଞ୍ଚ ଅଜୟ ନାୟକଙ୍କ ସଭାପତିତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଁ ରାମଚଣ୍ଡୀ ପୀଠ ଏବଂ ନୀଳାଦ୍ରିପୁର ଗ୍ରାମ ଅଖାପାଖି ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ମା’ ରାମଚଣ୍ଡୀ ପୂଜା କମିଟି ସଭାପତି ଦୟାନନ୍ଦ ରେଡ୍ଡୀ, କୁଞ୍ଜ ବିହାରୀ ନାୟକ (କୋଷାଧକ୍ଷ), ଶଙ୍କର ନାୟକ, ସୁଧୀର ମହାରଣା, ବଂଶୀଧର ନାୟକ,କରପଡା ପଞ୍ଚାୟତ ନାୟବ ସରପଞ୍ଚ, MBK, ଉଜଚ, ପ୍ରାଣୀ ମିତ୍ର , କୃଷିମିତ୍ର, ଜୀ ଆର ଏସ, ନୀଳାଦ୍ରିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କରପଡା ପଞ୍ଚାୟତର ଗ୍ରାମବାସୀ, ସ୍ୱେଚ୍ଛାସେବୀ, ଯବାନ ସମସ୍ତେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ୩୦୧ ବୃକ୍ଷ ରୋପଣ କରାଯାଇଥିଲା । ଶେଷରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିବା ସମସ୍ତ କର୍ମଚାରୀ ଓ ସ୍ୱେଚ୍ଛାସେବୀ ବନ୍ଧୁ ମାନଙ୍କୁ ସରପଞ୍ଚ ଶ୍ରୀ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ ।

# ଖଣ୍ଡପଡ଼ାରୁ ବନମାଳିପୁର ଆରଡି ରାସ୍ତା ଶୋଚନୀୟ



ଖଣ୍ଡପଡ଼ା, ୨୧।୯ (ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳରୁ ବନମାଳିପୁରକୁ ସଂଯୋଗ କରୁଥିବା ବିଜୁ ସେତୁ ସଂଲଗ୍ନ ଆରଡି ରାସ୍ତା ପାର୍ଶ୍ୱ ଏବେ ଜଙ୍ଗଲ ଅଞ୍ଚଳର ଭ୍ରମ ସୃଷ୍ଟି କରୁଛି। ଫଳରେ ପଥଚାରୀ ଓ ସାଧାରଣ ଲୋକେ ହନ୍ତସନ୍ତ ହେଉଥିବା ନେଇ ଅଭିଯୋଗ ହୋଇଛି। ଗତ ପ୍ରାୟ ବର୍ଷେ ହେବ ଉକ୍ତ ରାସ୍ତା ଶୋଚନୀୟ ହୋଇପଡିଥିବା ବେଳେ ଏବେ ଜଙ୍ଗଲ ଅଞ୍ଚଳ ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ପଥଚାରୀ। ବିଶେଷକରି ବିଜୁ ସେତୁକୁ ଲାଗି ଆରଡି ରାସ୍ତା ଉପରକୁ ଗଛଲତା ମଡିଆସିଥିବା ବେଳେ ସଂକୀର୍ଣ୍ଣ ରାସ୍ତା ସମସ୍ୟା ବଢାଉଛି। ଏପରିକି ରାସ୍ତାର ଅନେକ ସ୍ଥାନରେ ବର୍ଷା ପଣି ଜମି ରହିବା ଯୋଗୁଁ ଜଙ୍ଗଲ ଅଞ୍ଚଳ ସୃଷ୍ଟି ହୋଇଥିବା ରାସ୍ତା ଦୃଶ୍ୟମାନ ହେଉନାହିଁ। ଫଳରେ ସହରାଞ୍ଚଳକୁ ଆସୁଥିବା ଲୋକେ ଦହଗଞ୍ଜ ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ରାସ୍ତା ମରାମତି ତଥା ପୁନରୁଦ୍ଧାର ନିମନ୍ତେ ଆରଡି ବିଭାଗ ପକ୍ଷରୁ ଲକ୍ଷାଧିକ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଏହି ରାସ୍ତା ପ୍ରତି ସତେ ଯେମିତି ଆଖିବୁଜି ଦେଇଛି। ଏ ନେଇ ସହରାଞ୍ଚଳ ବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଆରଡି ବିଭାଗର ପାରିବାପଣିଆ ପଦାରେ ପଡିଛି। ନୟାଗଡ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସହରର ବୁଦ୍ଧିଜୀବି ସମାଜ ଦାବି କରିଛନ୍ତି।

# ବିଜେପି ପକ୍ଷରୁ ରକ୍ତଦାନ ଶିବିର

ବ୍ରହ୍ମପୁର,୨୧।୯(ନି.ପ୍ର) : ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟ ବ୍ୟାପୀ ପାଳିତ ହେଉଛି ‘ସେବା ପକ୍ଷ’ ଯାହା ସେପଟେମ୍ବର ୧୭ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମ ଦିବସ ଠାରୁ ଆରମ୍ଭ ହୋଇ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି



ପରିପ୍ରେକ୍ଷୀରେ ବିଭିନ୍ନ ଜନହିତକର କାର୍ଯ୍ୟ ମାନ କରା ଯାଉଅଛି । ଆଜି ମାନ୍ୟବର ବିଧାୟକ ଶ୍ରୀ କେ ଅନିଲ କୁମାରଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଏସ୍ ଏସ୍ ଭି ଟି ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ଶ୍ରୀ ସରୋଜ ସାବତ ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଙ୍କ ୭୫ ତମ ଜନ୍ମ ଦିବସ ୭୫ ୟୁନିଟ୍ ରୁ ଉର୍ଦ୍ଧ ରକ୍ତ ସଂଗ୍ରହ ଏହି ଶିବିର ର ମୁଳ ଉଦ୍ଦେଶ୍ୟ ତେଣୁ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସଂଗଠନ, ସାମାଜିକ ଅନୁଷ୍ଠାନ, କ୍ଲବ, ସ୍ୱେଚ୍ଛାସେବୀ ସଂଗଠନ, ଭାରତୀୟ ଜନତା ପାର୍ଟି ର କାର୍ଯ୍ୟକର୍ତ୍ତା ଗଣଙ୍କ ପ୍ରଚେଷ୍ଟା ରେ ୧୦୭୫ ୟୁନିଟ୍ ରୁ ଅଧିକ ରକ୍ତ ସଂଗୃହୀତ ହୋଇଥିଲା ଏପିରିକି ବିଧାୟକଙ୍କ ପରିବାର ବର୍ଗ ମଧ୍ୟ ରକ୍ତ ଦାନ କରିଥିଲେ। ନିଜେ ବିଧାୟକ ଉପସ୍ଥିତ ରହି ସମସ୍ତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରୁଥିଲେ। ଏହି ଶିବିରରେ ରାଷ୍ଟ୍ର ପରିଷଦ ର ସଦସ୍ୟ କାହ୍ନୁ ଚରଣ ପତି, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଅଶୋକ ଶୁକ୍ଳ, ପ୍ରବକ୍ତା ଟି ଗୋପି,ପୂର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ପୂର୍ବତନ ବିଡିଏ ଅଧକ୍ଷ ସରତ ପଟ୍ଟନାୟକ, ବରିଷ୍ଠ ନେତା ବନମାଳୀ ସେଠି, ପ୍ରଭାତ କିରଣ ଷଡଙ୍ଗୀ, ସୁନୀଲ ସାହୁ ଏବଂ ସମସ୍ତ ମଣ୍ଡଳ ସଭାପତି ଓ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଗଣ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ହେବ ବଡ଼ ଡାଣ୍ଡିଆ ଉତ୍ସବ

ଭୁବନେଶ୍ୱର,୨୧।୯ (ନି.ପ୍ର) : ଭୁବନେଶ୍ୱରରେ ଆୟୋଜିତ ହେବ ଓଡ଼ିଶାର ସବୁଠାରୁ ବଡ଼ ଓ ଭବ୍ୟ ଡାଣ୍ଡିଆ ଉତ୍ସବ “ଜଶ୍ନେ ଡାଣ୍ଡିଆ”। ତିନିଦିନିଆ ଏହି ମହୋତ୍ସବ ସେପଟେମ୍ବର ୨୯ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ, ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମାଇଦାନରେ ଚାଲି। ନୂଆ ଗାଁ ଗ୍ରାମୀଣ ବିକାଶ ମଞ୍ଚ ସହଯୋଗରେ ଫାଲ୍କନ୍ ଆଇ ଏଣ୍ଟରଟେନ୍ମେଣ୍ଟ ଦ୍ୱାରା ଆୟାଜନ କରାଯାଉଛି ବୋଲି ଏନେଇ ଆୟୋଜିତ



ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସ୍ପେଶାଲ୍ ଆର୍ଟିଷ୍ଟ ପ୍ରେଜେନ୍ସ ଭାବେ ମଞ୍ଚରେ ଉପସ୍ଥିତ ହେବେ ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତି, ଗୁଲୁଆ ସହିତ ମୁଭି “ଚାର୍ଧାମ୍” ଟିମ୍, ଅର୍ଦ୍ଧେନ୍ଦୁ ଓ ଏଲିନା ସହିତ ମୁଭି “ଚ୍ୟାଲେଞ୍ଜ୍” ଟିମ୍। ସେଥିପାଇଁ ଓଲିଉଡ୍ର ଟ୍ରେଣ୍ଡିଂ ସିଙ୍ଗର ଓ ମ୍ୟୁଜିକ୍ ଡିରେକ୍ଟର ଅର୍ଜୁନ୍ ଅନୁପ୍ ମଧ୍ୟ ଅଂଶଗ୍ରହଣ କରିବେ। ଏହା ସହିତ ଆଉ ଅନେକ ସ୍ପେଶାଲ୍ ସର୍ପ୍ରାଇଜ୍ଗୁଡ଼ିକ ଶିଘ୍ର ଆମର ଆଧିକାରିକ ସୋସିଆଲ୍ ମିଡିଆ ପେଜ୍ “ଜଶ୍ନେ ଡାଣ୍ଡିଆ” ରେ ଘୋଷଣା କରାଯିବ। ଏହି ଦାଣ୍ଡିଆ ସମ୍ପୂର୍ଣ୍ଣ ପରିବାର ସହିତ ଉପଭୋଗ କରିବା ପାଇଁ ଜଶ୍ନେ ଡାଣ୍ଡିଆ ହେବ ଅବିସ୍ମରଣୀୟ ଅନୁଭୂତି । ଭବ୍ୟ ଗ୍ରାଣ୍ଡ ଆରତି ଓ ଧୋଲ, ଚମକଭରା ଏସ୍ଇଏକ୍ସ ସହିତ ସ୍ୱାଦିଷ୍ଟ ଫୁଡ୍ ଷ୍ଟଲ୍ ଅଧିକ ସାହାୟକ କରିବ। ଏହି ଉତ୍ସବରେ ଉତ୍ସାହଦାୟୀ ଡିଜେ ପରିବେଷଣ କରିବେ ଶୋର୍ ବ୍ୟାଣ୍ଡ, ଡିଜେ ପାର୍ଥୋ, ଡିଜେ ରିଶି, ଡିଜେ ସ୍ମିଙ୍ଗ୍, ଡେସି ସ୍କୁଆଡ୍। ହୋଷ୍ଟିଂ କରିବେ ଆଙ୍କର ତନ୍ମି ଓ ଆଙ୍କର ସାର୍ଥକ। ଜଶ୍ନେ ଡାଣ୍ଡିଆ ଭୁବନେଶ୍ୱରରେ ସଂସ୍କୃତି, ସଙ୍ଗୀତ ଓ ଉତ୍ସବର ସବୁଠାରୁ ଧମାଲ କରିବ ଏହି ଦାଣ୍ଡିଆ ମହୋତ୍ସବ। ଏହି ସାମ୍ବାଦିକ ସମ୍ମିଳନରେ ଡ଼ ଚିନ୍ମୟ ନନ୍ଦ ବଡ଼ଜେନା, ହିମାଂଶୁ ରଞ୍ଜନ ସମେତ ବହୁ ନୂତନ କଳାକର ଓ ସଭ୍ୟମାନେ ଉପସ୍ଥିତଥିଲେ ।

# ମୌସୁମୀ ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ

କେନ୍ଦ୍ରାପଡ଼ା,୨୧।୯ (ନି.ପ୍ର) : ଅଗ୍ରଣୀ ସାହିତ୍ୟ ପତ୍ରିକା ମୌସୁମୀ ପୂଜା ବିଶେଷାଙ୍କର ଶୁଭ ଉନ୍ମୋଚନ ଶ୍ରୀବଳଦେବଜୀଉ ମନ୍ଦିର ବେଢାରେ ଗୁରୁବାର ସମ୍ପନ୍ନ ହେଇଯାଇଛି । ଏହି ଅବସରରେ ମୌସୁମୀର ସଭାପତି ଶିକ୍ଷାବିତ ନନ୍ଦ କିଶୋର ପରିଡା, ବିଶିଷ୍ଟ ସାହିତ୍ୟକାର ଡ଼ ବାସୁଦେବ ଦାସ, ପ୍ରାବନ୍ଧିକ ଡ଼ ସର୍ବେଶ୍ୱର ସେଣ, ମୌସୁମୀର ସମ୍ପାଦକ କବି ଡ଼ ଶ୍ରୀଧର ସାମଲ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ଗବେଷକ ନିରଞ୍ଜନ ମେକାପ, କବି ବୃନ୍ଦାବନ ଦାସ, ନାଟ୍ୟକାର ସଞ୍ଜୟ ମଲ୍ଲିକ,କବି ଅଜୟ



ପାତ୍ର,କବି ରଞ୍ଜନ ବାଇ, କବି ନିରୁପମା ଦାସ, କବି ସତ୍ୟନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୧୧୬ ପୃଷ୍ଠା ସମ୍ବଳିତ ଏହି ପତ୍ରିକାରେ ଆକର୍ଷଣୀୟ ପ୍ରଚ୍ଛଦ ସହ ଓଡିଶାର ପ୍ରବୀଣ ଓ ନବୀନ ଲେଖକ ଲେଖିକାଙ୍କ ଲେଖା ସ୍ଥାନିତ ହୋଇଛି। ପତ୍ରିକାଟି ପୂଜା ବଜାରରେ ବେଶ ପାଠକୀୟ ଆଦୃତି ଲାଭ କରିବ ଏଥିରେ ସନ୍ଦେହ ନାହିଁ।

